## ସଂକ୍ଷେପରେ

### ମିଶନଶକ୍ତି ଗୃହ ଉଦ୍‌ଘାଟିତ

ଦଶରଥପୁର,୨୬ା୩(ଡି.ଏନ.ଏ.) ଦଶରଥପୁର ବ୍ଲକ ଅଧୀନ ଡାହାଣହତା ପଞ୍ଚାୟତ ପକ୍ଷରୁ କୁଆଁସ ମଙ୍ଗଳା ପୀଠରେ ମିଶନଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଗୃହର ଉଦ୍‌ଘାଟନ କରିଥିଲେ। ଏହି ଅବସରେ ଆୟୋଜିତ ସଭାରେ ଡାହାଣହତା ସରପଞ୍ଚଙ୍କ ପ୍ରତିନିଧି ଅଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଦଶରଥପୁର ବ୍ଲକ ଅଧକ୍ଷ ଦିଗାମ୍ବର ମଲ୍ଲିକ, ଡାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ସମିତିସଭ୍ୟା ସସ୍ମିତା ଜେନା, ଜୋନ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ମହାସଂଘ ସଭାନେତ୍ରୀ ସବିତା କର ପ୍ରମୁଖ ଯୋଗଦେଇ ମିଶନ ଶକ୍ତି ମାଧମରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ଡାହାଣହତା ପୂର୍ବତନ ସରପଞ୍ଚ ନକୁଳି ଚରଣ ନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

### ଟୋଲଗେଟ୍ ବୁମ୍ ଭାଙ୍ଗି ପଳାଇଲା କଣ୍ଟେନର

ପାଟଣା,୨୬ା୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା କ୍ଷୀରେଇ ଟାଙ୍ଗିରି ଟୋଲଗେଟ୍ ବୁମ୍ ଭାଙ୍ଗି ଏକ କଣ୍ଟେନର ପଳାଇଛି। ଏନେଇ ଟୋଲ ଗେଟ୍ କମ୍ପାନୀ ଠିକାଦାର ଶଶିକାନ୍ତ ଜେନା ତୁରୁମୁଙ୍ଗା ଥାନାରେ ଏତଲା ଦେଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ସ୍ଥାନୀୟ ୧୬ ଜଣରୁ ଊର୍ଦ୍ଧ୍ୱ ଲୋକେ ଅଟକାଇଥିଲେ। ଗୋରୁଙ୍କୁ ନେଇ ମୟୂରଭଞ୍ଜ ଜିଲା କରଞ୍ଜିଆ ଗୋଶାଳାରେ ଛାଡ଼ି ଦେବାକୁ କହିଥିଲେ। ଏନେଇ କଣ୍ଟେନରରେ ଥିବା ୫ ଗୋରୁ ବେପାରୀଙ୍କ ସହ ତାଙ୍କର ମାର୍‌ପିଟ ହୋଇଥିଲା। ପରେ ଉକ୍ତ କଣ୍ଟେନର ଟୋଲ ଗେଟ୍‌ର ବୁମ୍ ଭାଙ୍ଗି ପଳାଇ ଯାଇଥିଲା। ଟୋଲ ଗେଟ୍ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

### ମ୍ୟୁନିସିପାଲିଟି, ଯାଜପୁର ବ୍ଲକ୍ କଂଗ୍ରେସର ସତ୍ୟାଗ୍ରହ

ଯାଜପୁର ଟାଉନ,୨୬ା୩ (ଡି.ଏନ.ଏ.): ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟପଦ ରଦ୍ଦ ପ୍ରତିବାଦରେ ଯାଜଜପୁର ପୌରାଞ୍ଚଳର ଗାନ୍ଧୀଛକ ଓ ଯାଜପୁର ବ୍ଲକ୍ କଂଗ୍ରେସ ପକ୍ଷରୁ ବିଧାନସଭା ମଣ୍ଡଳର ନେତା ସନ୍ତୋଷ ନନ୍ଦଙ୍କ ନେତୃତ୍ୱରେ ସତ୍ୟାଗ୍ରହ କରାଯାଇଛି। ନନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧିମୂର୍ତ୍ତିଠାରେ ସତ୍ୟାଗ୍ରହ ହୋଇଥିଲା। ଏଥିରେ ଦିଗମ୍ବର କର, ବିଷ୍ଣୁ ଚରଣ ରାଉତ, ସନ୍ତୋଷ ବେହେରା, ଆଲୋକ ବେହେରା, କନକ ରାଉତ, ରମେଶ ପତି, ଶେଖ୍ ଅବଦୁଲ ହଲିମ, ରାଜିବ ମହାପାତ୍ର, ହୃଷିକେଶ ପତି, ଗୋବିନ୍ଦ ସାହୁ, ଅବଦୁଲ ସଲିମ ଖାଁ, ଭରତ ବେହେରା, ବିଜୟ ମହାପାତ୍ର, ଗଣେଶ ଜେନା, ଅବଦୁଲ ରୌଫ୍, ଯଜାତି କେଶରୀ ନାୟକ ଓ ଉତ୍କଳ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ।

# ସୌର ଶୀତଳ କକ୍ଷ ସ୍ଥାପନ ପାଇଁ ତତ୍ପରତା

- ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ
- ପ୍ରଥମ ଦଫାରେ ୮ଟି ପଞ୍ଚାୟତରେ ସ୍ଥାପନ ହେବ ଶୀତଳ କକ୍ଷ

ରସୁଲପୁର,୨୬ା୩(ଡି.ଏନ.ଏ.)



ସୌର ଶୀତଳ କକ୍ଷ ସ୍ଥାପନ ପାଇଁ ଅନୁଷ୍ଠିତ ସମୀକ୍ଷା ବୈଠକ।

ଧରିତ୍ରୀ ପ୍ରଭାବ

୨୦୨୨ ବର୍ଷରେ ରାଜ୍ୟରେ ପ୍ରଥମ ଦଫାରେ ୧୦୦୦ଟି ସୌରଚାଳିତ ଶୀତଳ କକ୍ଷ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୧ ବର୍ଷ ପୁରିଯିବା ସତ୍ତ୍ୱେ ଏ ନେଇ ପ୍ରଶାସନିକସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିଲା। ଏ ସଂକ୍ରାନ୍ତରେ ମାର୍ଚ୍ଚ ୨ରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ସୌର ଚାଳିତ ଶୀତଳ କକ୍ଷ ସ୍ଥାପନ ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବ୍ଲକର ବିଡିଓମାନେ ଶୀତଳ ଚାମ୍ବରକୁ ନେଇ ତତ୍ପର ହୋଇଉଠିଛନ୍ତି। ପ୍ରଥମ ଦଫାରେ ରସୁଲପୁର ବ୍ଲକରେ ୮ଟି ସୌରଚାଳିତ କକ୍ଷକୁ ୮ଟି ପଞ୍ଚାୟତରେ ସ୍ଥାପନ କରାଯିବ ବୋଲି ବ୍ଲକ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏନେଇ ଜମି ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି। ବିଡିଓ ଅବନିକାନ୍ତ ସାହୁ ଜମି ଚିହ୍ନଟ ପ୍ରକ୍ରିୟା ବ୍ଲକର ବାରବାଟୀ ପଞ୍ଚାୟତରୁ ଆରମ୍ଭ କରିଛନ୍ତି। ଏହଛଡ଼ା ବିଡିଓ ସାହୁଙ୍କ ପୌରୋହିତ୍ୟରେ ବାରବାଟୀ, ସିଂହାପୁର, ଓଡ଼ିଶୋ, କଳଣ, ନଠୁଆବର, ଜାବରା, ଶ୍ରୀବନ୍ତପୁର, ରସୁଲପୁର, ରାହାମ୍ବା ଆଦି ପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହେବା ସହ ଦ୍ରୁତ ଉପାୟରେ ଶୀତଳ କକ୍ଷ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। କକ୍ଷଗୁଡିକର ନିର୍ମାଣ ଓ ପରିଚାଳନା ଦାୟିତ୍ୱ ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଉପରେ ନ୍ୟସ୍ତ କରାଯିବାକୁ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ମିଳିଛି।

ରସୁଲପୁର ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ଲକ ଅଧୀନ ୨୮ ପଞ୍ଚାୟତରୁ ୨୦ରୁ ଅଧିକ ପଞ୍ଚାୟତରେ ପନିପରିବା ଚାଷ କରାଯାଉଛି। ରସୁଲପୁର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଚକଓ୍ୱାରୀ ପରିବା ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉଥିବାରୁ ବ୍ଲକ ଅଞ୍ଚଳରେ ୧୦୦୦ ହେକ୍ଟର ଜମିରେ ପରିବା ଚାଷ ହେଉଛି। ଏଥିସକାଶେ ଚାଷୀଙ୍କୁ ବିହନ, ବେଉଷଣ ସକାଶେ ସାର, କୀଟନାଶକ ଆଦି ରିହାତି ଦରରେ ଯୋଗାଇ ଦିଆଯାଉଛି। ହେଲେ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଆସୁଛନ୍ତି। ଚାଷୀ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଶାଗମାଛ ଦରରେ ବିକ୍ରି କରି କ୍ଷତି ସହୁଛନ୍ତି। ସରକାର ଚାଷୀଙ୍କୁ ସାମୟିକ ଆଶ୍ୱସ୍ତି ଦେବା ସକାଶେ ପ୍ରତି ପଞ୍ଚାୟତରେ ଶୀତଳ ଚାମ୍ବର ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଚାମ୍ବର ନିର୍ମାଣ ପାଇଁ ୧୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଜାତୀୟ ଉଦ୍ୟାନ କୃଷି ମିଶନ ଓ ପୋଷ୍ଟ ହାର୍ଭେଷ୍ଟ ମ୍ୟାନଜମେଣ୍ଟ ଇନ ହର୍ଟିକଲଚର ଯୋଜନା ଅର୍ଥରୁ ୫୦ ଶତକଡ଼ା ବ୍ୟୟବରାଦ କରାଯିବ। ବଳକା ଅର୍ଥକୁ ପଞ୍ଚାୟତ ଅନୁଦାନ ୫ମ ରାଜ୍ୟ ଓ ୧୫ତମ କେନ୍ଦ୍ରୀୟ ଯୋଜନାରୁ ଅର୍ଥ, ବିଧାୟକ, ଏମ୍‌ପି, ଓମ୍ୱାଡିସ ଆଦି ପାଣ୍ଠିରୁ ଖର୍ଚ୍ଚ କରାଯିବ। ପ୍ରକଳ୍ପ ଶେଷ ହେବାପରେ ତାହାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ। ପଞ୍ଚାୟତ ପକ୍ଷରୁ ନିଲାମ ଜରିଆରେ ରାଜସ୍ୱ ବୃଦ୍ଧି କରାଯିବ। ନିଲାମରେ ମହିଳା ଗୋଷ୍ଠୀମାନଙ୍କୁ ପ୍ରଧାନ୍ୟ ଦିଆଯିବ। ଏହି ଚାମ୍ବର ସହ ବିଦ୍ୟୁତ୍ ସଂଯୋଗକୁ ବିକଳ୍ପ ବ୍ୟବସ୍ଥା ଭାବରେ ରଖାଯିବ। ମେଘୁଆ ପାଗ ଓ ସୌର ଚାଳିତ ମେଶିନରେ ଅସୁବିଧା ଦେଖାଦେଲେ ଉକ୍ତ ଚାମ୍ବର ବିଦ୍ୟୁତ୍ ଦ୍ୱାରା ଚାଳିତ ହେବ। ଏହି ବାବଦକୁ ବିଦ୍ୟୁତ୍ ଶୁଳ୍କର ୫୦ଶତକଡା ଅର୍ଥ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଭରଣା କରାଯିବ। ଏହି ଜରିଆରେ ନିଲାମଧାରୀ ଗୋଷ୍ଠୀ ଚାଷୀଙ୍କୁ ସ୍ୱଳ୍ପ ମାହାସୁଲରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସଂରକ୍ଷିତ ରଖାଯାଇ ପାରିବ। ଏହି ଭଳି ଭାବରେ ଚାଷୀ ଉପକୃତ ହେବା ସହ ପଞ୍ଚାୟତ ଓ ମହିଳାମାନଙ୍କ ଆର୍ଥିକ ବିକାଶ ଘଟିବା ସମ୍ଭବପର ହୋଇପାରିବ ବୋଲି ବିଡିଓ ସାହୁ ସୂଚନା ଦେଇଛନ୍ତି।

## ଶବଦାହ କରିବାକୁ ଯାଇ ପାଲଟିଗଲେ ଶବ

ରୂପସା, ୨୬ା୩(ଡି.ଏନ.ଏ.)

ଶବଦାହ କରିବାକୁ ଯାଇଥିବା ଜଣେ ଯୁବକ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଞ୍ଚଳରେ। ମୃତ ଯୁବକ ହେଲେ କସିପଦା ପଞ୍ଚାୟତ ଅଧୀନ ହାତିଆଡ଼ିହା ଗ୍ରାମର ଶ୍ରୀକାନ୍ତ ବେହେରା (୪୮)। ସେ ଶନିବାର ଅପରାହ୍ନରେ ଗ୍ରାମର ଜଣେ ବୃଦ୍ଧାଙ୍କ ଶବଦାହ କରିବାକୁ ସ୍ଥାନୀୟ ଶ୍ମଶାନକୁ ଯାଇଥିଲେ। ଶବଦାହ ସାରି ମିରିଗିମୁଣ୍ଡି ଗାଁ ନିକଟ ପୋଖରୀରେ ଗାଧୋଇବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ସହ ପୋଲିସ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଯୁବକଙ୍କ ସ୍ତ୍ରୀ ଓ ୩ପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

# ଧର୍ମଶାଳା କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ


ଭାଲୁଖାଇସ୍ଥିତ ଗାନ୍ଧୀ ମୂର୍ତ୍ତି ନିକଟରେ ରବିବାର ସତ୍ୟାଗ୍ରହ କରାଯାଇଛି।

ଧର୍ମଶାଳା,୨୬ା୩(ଡି.ଏନ.ଏ.)

ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦ ପ୍ରତିବାଦରେ ଧର୍ମଶାଳା ବ୍ଲକ୍ କଂଗ୍ରେସ ପକ୍ଷରୁ ଭାଲୁଖାଇସ୍ଥିତ ଗାନ୍ଧି ମୂର୍ତ୍ତି ନିକଟରେ ରବିବାର ସତ୍ୟାଗ୍ରହ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡାଙ୍କ ନେତୃତ୍ୱରେ କୃଷକ ନେତା ବସନ୍ତ ପରିଡ଼ା, କାର୍ଯ୍ୟକାରୀ ସଭପତି ପ୍ରଫୁଲ୍ଲ କୁମାର ରାୟ, ନକୁଳ ଜେନା, ବାବୁଲି ମଲିକ, ବଟକୃଷ୍ଣ ମଲିକ, ଗଗନ ବିହାରୀ ରାଉତ, ବାବାଜୀ ରାଉତ, ଫକୀର ସେଠୀ, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା, କାସିମ ଉଦ୍ଦିନ, ଓସି ଆଲମ, ସେକ୍ କମ୍ମୁ, ପ୍ରଶାନ୍ତ ନାୟକ ପ୍ରମୁଖ ବହୁ କର୍ମୀ ଏହି ସତ୍ୟାଗ୍ରହରେ ସାମିଲ ହୋଇ ଭାଜପା ସରକାରଙ୍କ ଅଗଣତାନ୍ତ୍ରିକ ନୀତିକୁ କଟୁ ସମାଲୋଚନା କରିଥିଲେ।

## ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ପଦ୍ମପୁର,(ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ଶେରପୁର ଗ୍ରାମର ଜଣେ ମହିଳା ଭଡ଼ା ଟଙ୍କା ନେଇ ଶନିବାର କେଦାରପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଫେରୁଥିବା ବେଳେ କୁଣ୍ଡିପୋଲଠାରେ କେତେଜଣ ଯୁବକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଛନ୍ତି। ଆକ୍ରମଣର ଶିକାର ମହିଳା ହେଲେ ତୁଳସୀ ଜେନା। ତାଙ୍କ ସ୍ୱାମୀ ଗଗନ ଏହାକୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ ମାଡ଼ ମାରିଛନ୍ତି। ସାବରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୨/୨୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ଜୀବନ ମଳିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସାହିତ୍ୟ ଦର୍ପଣ ପତ୍ରିକାର ବାର୍ଷିକ ଉତ୍ସବ


ଅତିଥି ସାହିତ୍ୟ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୨୬ା୩ (ଡି.ଏନ.ଏ.)

ସାହିତ୍ୟ ଜୀବନ ବୋଧର କଥା କହେ। ଯାହା ଭାଷାରେ କି ଭାବରେ ବ୍ୟକ୍ତ କରି ହୁଏନି ତାହା ଅସଲ ସାହିତ୍ୟ ବୋଲି ବିଶିଷ୍ଟ ଆନ୍ତର୍ଜାତୀୟ କବି ଜୟନ୍ତ ମହାପାତ୍ର ସାହିତ୍ୟ ଦର୍ପଣ ପତ୍ରିକାର ଚବିଶତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି। ଜାରକା କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଆୟୋଜିତ ଏହି ଉତ୍ସବରେ ଗାଳ୍ପିକା ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସାହିତ୍ୟ ମାଟି ଓ ମଣିଷର କଥା କହିଲେ ତାହା କାଳଜୟୀ ହୋଇଥାଏ ବୋଲି କହିଥିଲେ। ଏଥିସହିତ ଶତପଥୀ ସାହିତ୍ୟ ଦର୍ପଣ ପତ୍ରିକାର ମହିଳା ବିଶେଷାଙ୍କକୁ ଉନ୍ମୋଚନ କରିଥିଲେ। ଚିତ୍ତରଞ୍ଜନ ନାୟକଙ୍କ ସଂଚାଳନାରେ ଅତିଥିଭାବେ କବି ଡ. ଅପର୍ଣ୍ଣା ମହାନ୍ତି, କବି ଅଭୟ ନାୟକ ପ୍ରମୁଖ ଯୋଗଦେଇ କଥା ସାହିତ୍ୟ, କଥା ଜୀବନର କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ ସାହିତ୍ୟ ଦର୍ପଣ ପୁରସ୍କାର, ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ସାହିତ୍ୟ ଦର୍ପଣ ସ୍ୱତନ୍ତ୍ର ସମ୍ମାନ, ଗାଳ୍ପିକା ଡ. ସ୍ନେହଲତା ମିଶ୍ର, କବି ମୋହିତ ଚକ୍ରବର୍ତ୍ତୀ, ଗାଳ୍ପିକ ଶରତ ସାହୁଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯାଇଥିଲା। ରାମକୋ ସିମେଣ୍ଟର ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସିଂହ, ଯୁବଉଦ୍ୟୋଗୀ ଦୀପକ ଜେନାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଭକ୍ତ ଚରଣ ସାହୁ ଅତିଥି ପରିଚୟ ଦେଇଥିବାବେଳେ ପତ୍ରିକାର ସମ୍ପାଦକ ବିମଳ ପତି ବିବରଣୀ ପ୍ରଦାନ କରିଥିଲେ। ନରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଭେଙ୍କଟେଶ୍ୱର ସ୍କୁଲର ଛାତ୍ରୀ ସ୍ୱଜଳା ଦାଶ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ପୂର୍ବାହ୍ନରେ କବି ଡ. ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତାପାଠ କାର୍ଯ୍ୟକ୍ରମରେ କବି ଧନଞ୍ଜୟ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିବା ବେଳେ କବି ଲାବଣ୍ୟ ନାୟକ ସଂଯୋଜନା କରିଥିଲେ। କବି ବିଜିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ୨୦ଜଣ ନିମନ୍ତ୍ରିତ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ।

# ଧାନ କଳରେ ନିଆଁ, ବିପୁଳ ସମ୍ପତ୍ତି ପାଉଁଶ

ଧର୍ମଶାଳା,୨୬ା୩(ଡି.ଏନ.ଏ.)


ଜଳି ଯାଇଥିବା ଧାନକଳ।

ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ରାଧାନଗରଠାରେ ଥିବା ଏକ ଧାନକଳରେ ଶନିବାର ରାତିରେ ନିଆଁଲାଗିଛି। ଫଳରେ ସେଠାରେ ଥିବା ବିପୁଳ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳି ଯାଇଥିଲା। ସ୍ଥାନୀୟ ମଙ୍ଗରାଜପୁର ଗ୍ରାମର ମନୋଜ କୁମାର କର ରାଧାନଗରଠାରେ ଧାନକଳ କରି ପରିବାର ପ୍ରତିପୋଷଣ କରୁଥିଲେ। ରାତି ପ୍ରାୟ ଗୋଟାଏ ବେଳେ ହଠାତ କଳଘରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିର ପ୍ରକୋପରେ କଳଘରେ ଥିବା ଯନ୍ତ୍ରାଂଶ, ପେଡ଼ା ହେବା ପାଇଁ ରହିଥିବା ୨୦ ବସ୍ତା ଧାନ ଓ ୫ ବସ୍ତା ଚାଉଳ ପୋଡ଼ି ଯାଇଥିଲା। ଏହି ଅଗ୍ନିକାଣ୍ଡକୁ ନେଇ ନାନା କଥା ଶୁଣିବାକୁ ମିଳୁଥିବା ବେଳେ ପ୍ରକୃତ ଘଟଣା ଜଣାପଡ଼ିନାହିଁ।

# ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ

ବାଲିଚନ୍ଦ୍ରପୁର/ଧର୍ମଶାଳା/ରସୁଲପୁର, ୨୬ା୩(ସ୍ୱ.ପ୍ର./ଡି.ଏନ.ଏ.)


ଜାରକା ଛକଠାରେ ମନମୋହନ ସାମଲଙ୍କୁ କର୍ମୀ ସମ୍ବର୍ଦ୍ଧିତ କରୁଛନ୍ତି।

### ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

ଭାଜପାର ରାଜ୍ୟ ସଭାପତି ଭାବେ ମନମୋହନ ସାମଲଙ୍କୁ ନିଯୁକ୍ତି ମିଳିବା ପରେ ସେ ରବିବାର ଭଦ୍ରକରୁ ଭୁବନେଶ୍ୱର ଗସ୍ତ କରିଛନ୍ତି। ଏହି ସମୟରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବଡ଼ଚଣା ନିର୍ବାଚନମଣ୍ଡଳୀର ଦୁଇଟି ସ୍ଥାନରେ ପୃଥକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଣ୍ଡିଖୋଲଠାରେ ବଡ଼ଚଣା ଭାଜପା ନେତା ଅମର ନାୟକଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିବା ବେଳେ ଛତିଆଠାରେ ପ୍ରାକ୍ତନ ଯାଜପୁର ଜିଲା ଭାଜପା ସଭାପତି ଅଶୋକ ସାମଲଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସାମଲଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଯୁବନେତା ଇଂ. ଯଶୋଦୀପ୍ତ ସାମଲ, ଦୀପ୍ତିରଞ୍ଜନ ସାହୁ, ରଞ୍ଜିତ ବଳ, ନିଗମାନନ୍ଦ ସାହୁ, ନିରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସଭାପତି ସାମଲ ମିଳିମିଶି କାମ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ସେହିପରି ଧର୍ମଶାଳା ବ୍ଲକ ଅଧୀନ ଜାରକାଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ କର୍ମୀ ଜାରକା ଛକଠାରେ ଏକତ୍ରିତ ହୋଇ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ୧୪ନଂ ଜିଲାପରିଷଦ ସଭ୍ୟ ଶରତ ଓଝା, ଚନ୍ଦ୍ରମଣି ପଣ୍ଡିତ, ସୁଶାନ୍ତ ବେହେରା, କୁଳମଣି ତରାଇ, ଅକ୍ଷୟ ପଣ୍ଡା, ଅଞ୍ଜଳି ଘଡେଇ, ସୁମିତ୍ରା ଦାସ, ସୁବାସ ସେଠୀ, ବିଜୟ ବିଶ୍ୱାଳ, ସରୋଜ ପଟ୍ଟନାୟକ, ପ୍ରେମଚାନ୍ଦ ମହାନ୍ତି,ରାଜକିଶୋର ଗୋଛାୟତ, ବୁଲୁ ଦାସ, ବଳରାମ ଦାସ, ସଞ୍ଜୟ ଲେଙ୍କା, ସୁଶାନ୍ତ କବି,କୀର୍ତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ରସୁଲପୁର ବ୍ଲକ୍ ଅଧୀନ ୧୬ନଂ. ଜାତୀୟ ରାଜପଥ ବାରବାଟୀ(ଓଡ଼ଙ୍ଗ) ନିକଟରେ ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯୁବନେତା ସନ୍ତୋଷ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ସାମଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ କିଶୋର ଦାଶ, ଦିବ୍ୟରଞ୍ଜନ ପ୍ରଧାନ, ବିକାଶ ରାଉତ, ଦିପ୍ତୀରଞ୍ଜନ ଦାସ, ଦିଲୀପ କୁମାର ପଣ୍ଡା ଓ ଟୁଟୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳାଳିଙ୍କୁ ଆଗକୁ ନେବାକୁ ଚେଷ୍ଟା ଜାରି ରହିବ

ବଡ଼ଚଣା,୨୬ା୩(ଡି.ଏନ୍.ଏ.)

ରାଜ୍ୟ ଓ ଜିଲା ଟେନିକୋଏଟ୍ ଆସୋସିଏଶନ୍ ପକ୍ଷରୁ କାର୍ଯ୍ୟକାରିଣୀ ଏବଂ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଖେଳାଳି।

ରାଜ୍ୟ ଓ ଯାଜପୁର ଜିଲା ଟେନିକୋଏଟ୍ ଆସୋସିଏଶନ ପକ୍ଷରୁ ବଡ଼ଚଣା ବ୍ଲକ୍ ଅଧୀନ ଛତିଆ ପାନ୍ଥଶାଳାଠାରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ପାଇକରାପୁର ମିନିଷ୍ଟାଡିୟମଠାରେ କ୍ରୀଡ଼ା ପ୍ରତିଭା ସମ୍ମାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ରାଜ୍ୟସଭାପତି ତଥା ସର୍ବଭାରତୀୟ ଉପସଭାପତିବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ଅଧକ୍ଷ ଗୋଲଖ ନାୟକ, ରାଜ୍ୟ ସଂଗଠନ ସମ୍ପାଦକ ଦିଲୀପ ଦାସ, କୋଷାଧକ୍ଷ ପ୍ରତାପ ଆଚାର୍ଯ୍ୟ, ଜିଲା ସମ୍ପାଦକ ରମେଶ ବିଶ୍ୱାଳ ଓ ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅପରାହ୍ନରେ ଷ୍ଟାଡ଼ିୟମଠାରେ କ୍ରୀଡ଼ାପତିଭା ସମ୍ମାନ ସମାରୋହ ସମିତି ସଭ୍ୟ ସଞ୍ଜୟ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଶତପଥୀ ଯୋଗଦେଇ ରାଜ୍ୟ ତଥା ସର୍ବଭାରତୀୟସ୍ତରରେ ଟେନିକଏଟ୍ ଖେଳ ଏବେ ଏକ ମୁଖ୍ୟ ଚର୍ଚ୍ଚାର ଖେଳ ହୋଇଛି। ଏହି ଖେଳାଳିଙ୍କୁ ଆଗାମୀ ଦିନରେ ଆଗକୁ ନେବାପାଇଁ ସମସ୍ତ ଚେଷ୍ଟା ଜାରି ରହିବ। ଖେଳାଳିଙ୍କ ଭବିଷ୍ୟତ ପାଇଁ ସରକାରୀସ୍ତରରେ ଯାହା ଆବଶ୍ୟକ ସେଥିପାଇଁ ଅନୁଷ୍ଠାନ ପକ୍ଷରୁ ମଧ ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ। ରାଜ୍ୟସ୍ତରୀୟ ମୁଖ୍ୟ ଏସ୍‌କେ ସିହ୍ନା, ବଡ଼ଚଣା ବ୍ଲକ୍ ଅଧକ୍ଷା ମିନତି ସେନାପତି, ପୂର୍ବତନ ଅଧକ୍ଷ ଭାଗ୍ୟଧର ମଲ୍ଲିକ, ଅରୁଣ ନାୟକ, ମାଧବାନନ୍ଦ ମହାପାତ୍ରଙ୍କ ସମେତ ଉପରୋକ୍ତ କର୍ମକର୍ତ୍ତା ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

ଫୁଟବଲ, ଟେନିସ୍‌ରେ ଜାତୀୟସ୍ତରୀୟ ଚାମ୍ପିୟନ ମହାରାଷ୍ଟ୍ରର ସୋଲାପୁରଠାରେ ଓଡ଼ିଶା ତରଫରୁ ଖେଳିଥିବା ମହିଳା ଖେଳାଳି ଅର୍ପିତା ନାୟକ, ଚମ୍ପାବତୀ କସ୍‌କୁ, ପୂଜାରାଣୀ ମଲ୍ଲିକ, ଶାନ୍ତି ଭୋଇ, କୋଚ୍ ଉମାକାନ୍ତ ପୃଷ୍ଟି ଓ ଇଷ୍ଟ ଜୋନ୍ ପୁରୁଷ ବିଭାଗରେ ଲିଟନ୍ ରାଉତ, ତ୍ରିନାଥ ପ୍ରହରାଜ, ସତ୍ୟବ୍ରତ ମଲ୍ଲିକ, ରାଜେଶ ନାୟକ, ନାରାୟଣ ବେହେରା, ନିର୍ମଳ ସେନ୍, କୋଚ୍ ବିନୟ ଝା, ମ୍ୟାନେଜର ଅଜି୍ ସିହ୍ନା, ମହିଳା ବର୍ଗର ଚନି ପରିଡ଼ା, ପରମିତା ରାଉତ, ଶୁଭଶ୍ରୀ ସାମଲ, ରଶ୍ମିତା ନାୟକ, ସ୍ମୃତିରେଖା ସେଠୀ, ଦିପ୍ତୀମୟୀ ପ୍ରଧାନ କୋଚ୍ ଅଭିଜିତ୍ ସିହ୍ନା, ମ୍ୟାନେଜର ସନ୍ଧ୍ୟାରାଣୀ ପାଣିଗ୍ରାହୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।। ଅନ୍ୟମାନଙ୍କ ମଧ୍ୟରେ ଅଭ୍ୟର୍ଥନା କମିଟି ଅଧକ୍ଷ ବାସୁଦେବ ସ୍ୱାଇଁ, ଆବାହକ ଦୀପକ ସାହୁ, ନିରଞ୍ଜନ ସେନାପତି, ଅମର ମହାନ୍ତି, ଗିରସ ପାତ୍ର, ସରପଞ୍ଚ ବିଜୟ ସ୍ୱାଇଁ, ପ୍ରଦୋଶ ନନ୍ଦ ପ୍ରମୁଖ ମୁଖ୍ୟ ସହଯୋଗୀ ଭାବେ ଯୋଗଦେଇ କାର୍ଯ୍ୟ ତୁଲାଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକାନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ



ତିର୍ତ୍ତୋଲ,୨୬।୩ (ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର୍ ପଞ୍ଚାୟତରେ ରବିବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସମ୍ବିତ କୁମାର ରାଉତରାୟ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ପ୍ରଥମେ ମହାନଦୀ ବାମପାର୍ଶ୍ୱ ନଦୀବନ୍ଧର ତାରତୋଲଠାରୁ ଅନୋଳି ପର୍ଯ୍ୟନ୍ତ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ କୋଲର୍ ନିକଟ ବଉଦ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ଏଥିସହ କୋଲର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବାୟୋ ମେଡିକାଲ ହଲ ଓ ସୌଗମ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଶେଷରେ ଦଶମାଣକୁଳସ୍ଥିତ ଶ୍ରୀମା ମହାବିଦ୍ୟାଳୟର ୧୦ ଲକ୍ଷ ବ୍ୟୟ ଅଟକଳରେ ନୂତନ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, କୋଲର ସରପଞ୍ଚ ଉମେଶ ଚନ୍ଦ୍ର ବେହେରା, ସମିତି ସଭ୍ୟା ରାଜ କୁମାରୀ ଦାସ, ସାମନ୍ତରାପୁର ସମବାୟ ସମିତି ସଭାପତି ସୂର୍ଯ୍ୟ ନାରାୟଣ ବେହେରା, ସୁଦୀପ୍ତ ରାଉତ, ଧୀରେନ ସ୍ୱାଇଁ, ରୋଜେଶ ଭୂୟାଁ, ଦୁର୍ଲ୍ଲଭ ଚରଣ ଦାସ, ଅସନ କୁମାର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ୮ ଶ୍ରେଣୀଗୃହର ଆଜ୍‌ବେଷ୍ଟସ୍ ଭାଙ୍ଗିଲା

ତିଗିରିଆ, ୨୬।୩(ଡି.ଏନ.ଏ.): ତିଗିରିଆ ବ୍ଲକ ଅଞ୍ଚଳରେ ରବିବାର ଅପରାହ୍ନରେ କାଳ ବୈଶାଖୀ ଯୋଗୁ ପ୍ରବଳ ଝଡ଼ ତୋଫାନ ହୋଇଛି। ଏହାର ପ୍ରଭାବରେ ଜେମାଦେଇପୁର ସାହିସ୍ଥିତ ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୮ ଶ୍ରେଣୀ ଗୃହର ଆଜବେଷ୍ଟସ୍ ଉଡ଼ିଯାଇଛି। ଖବର ଅନୁଯାୟୀ, ଅପରାହ୍ନ ୩ଟାରେ ପଶ୍ଚିମା ଝଡ଼ ପ୍ରଭାବରେ ଘଡ଼ଘଡ଼ି ସହ ପ୍ରବଳ ବେଗରେ ପବନ ବହିଲା। ଏହାର ବେଗ ଏତେ ଅଧିକ ଥିଲ ଯେ, ଶ୍ରେଣୀଗୃହଗୁଡ଼ିକର ଆଜବେଷ୍ଟସ୍ ଓ ଲୁହା ଆଙ୍ଗେଲ ଭାଙ୍ଗି ଚୁରମାର ହୋଇଯାଇଛି। ରବିବାର ସ୍କୁଲ ବନ୍ଦ ଥିବାରୁ ପିଲାମାନେ ଆସନ୍ନ ବିପଦରୁ ବର୍ତ୍ତି ଯାଇଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୨୯୦ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅମତୁଲ ରସିଦ କହିଛନ୍ତି, କାଳବୈଶାଖୀ ଯୋଗୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଏହାର ପ୍ରଭାବରେ ପଙ୍କାଳ ଗ୍ରାମ ଖେଳ ପଡ଼ିଆରେ ଏକ ଗଛ ଭାଙ୍ଗିଯାଇଛି। ଫଳରେ ନିକଟରେ ଯାଇଥିବା ତାର ଛିଣ୍ଡି ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତିଗିରିଆ ବ୍ଲକ ସଦର ମହକୁମା ନିଜିଗଡ଼ ଅଞ୍ଚଳରେ ମଧ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି।

### ଘରୁ ସୁନା ଅଳଙ୍କାର ଲୁଟ୍

ଆରଡି,୨୬।୩( ଡି.ଏନ୍.ଏ.): ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଭୂଇଁପୁର ଗାଁର ଦିବାକର ବିଶ୍ୱାଳଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଝରକା ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ପରିବାର ଲୋକେ ଅପେରା ଦେଖିବାକୁ ଯାଇଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ଲୁଟପାଟ କରିଛନ୍ତି।

# ସରକାରୀ ବିଦ୍ୟାଳୟରେ ଅନିଶ୍ଚିତତା ଘେରରେ ପ୍ରି-ନର୍ସରି

ଜଗତ୍‌ସିଂହପୁର ଅଫିସ,୨୬।୩

୨୦୧୮ରେ କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆଣିବା ପାଇଁ ଦେଶରେ ଏକକ ଶିକ୍ଷା ବ୍ୟବସ୍ଥା ତଥା ସମଗ୍ର ଶିକ୍ଷା ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଦ୍ୟାଳୟଗୁଡ଼ିକରେ ପ୍ରି ନର୍ସରି ଖୋଲିବା ସାଙ୍ଗକୁ ଏକକ ଶିକ୍ଷାନୁଷ୍ଠାନରେ ସାଧାରଣ ଓ ଭିନ୍ନକ୍ଷମ ପିଲା ଶିକ୍ଷାଲାଭ କରିବା ଏହାର ଉଦ୍ଦେଶ୍ୟ ଥିଲା। ଡିଜିଟାଲ ଇଣ୍ଡିଆକୁ ପ୍ରାଧାନ୍ୟ ଦେଇ କେନ୍ଦ୍ର ସରକାର ଶିକ୍ଷଣରେ ବୈଷୟିକ ଜ୍ଞାନର ପ୍ରୟୋଗ କରିବେ ବୋଲି ଯୋଜନା ପ୍ରସ୍ତୁତ କରିଥିଲେ। ୨୦୨୦ ଜାତୀୟ ଶିକ୍ଷା ନୀତିରେ କେନ୍ଦ୍ର ସରକାର ଏ ସମ୍ପର୍କରେ ସମସ୍ତ ରାଜ୍ୟ ସରକାରଙ୍କୁ ପ୍ରି ନର୍ସରି ଖୋଲିବା ପାଇଁ ଚିଠି କରିଥିଲେ। ଓଡ଼ିଶା ସରକାର ମଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରି-ନର୍ସରି ଖୋଲିବେ ବୋଲି ଚିନ୍ତା କରି ପ୍ରାଥମିକ ପର୍ଯ୍ୟାୟରେ ଏକ ତାଲିମ କାର୍ଯ୍ୟକ୍ରମ କରିଥିଲେ। ସେତେବେଳେ ଜଗତ୍‌ସିଂହପୁର ଜିଲାରେ ଅଭିଭାବକମାନେ ଏନେଇ ଖୁସି ଅନୁଭବ କରିଥିଲେ। ଆଶା ଥିଲା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରି-ନର୍ସରି ଖୋଲିଲେ ପିଲାମାନେ ମାଗଣା ଶିକ୍ଷା ପାଇବା ସହ ଉତ୍ତମ ପରିବେଶ ଓ ଖେଳକୁଦ ପାଇଁ ଉପଯୋଗୀ ଭିତ୍ତିଭୂମି ପାଇବେ। କିନ୍ତୁ କେନ୍ଦ୍ର ସରକାରଙ୍କ ଏହି ଘୋଷଣା ଏ ପର୍ଯ୍ୟନ୍ତ ଓଡ଼ିଶାରେ କାର୍ଯ୍ୟକାରୀ ହେଲା ନାହିଁ। କାହିଁକି ବିଳମ୍ବ ହେଉଛି ତାହା ମଧ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହେଉନାହିଁ। ଏନେଇ ଜିଲାର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଓଡ଼ିଶାର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି ପ୍ରି-ନର୍ସରି ଶିକ୍ଷା ବ୍ୟବସ୍ଥା ପ୍ରଚଳନ ଅଛି। ଯେଉଁଠି ପିଲାମାନଙ୍କୁ ଶିକ୍ଷାଦାନ ସାଙ୍ଗକୁ ଅଣ୍ଡା, ଛତୁଆ, ସୁଜି ଆଦି ଦିଆଯାଉଛି, କିନ୍ତୁ ଏହା ଅଭିଭାବକମାନଙ୍କୁ ଆକୃଷ୍ଟ କରିପାରୁନାହିଁ। କାରଣ ଅଭିଭାବକ ଅଙ୍ଗନୱାଡି କେନ୍ଦ୍ରକୁ ପସନ୍ଦ କରୁନାହାନ୍ତି। ଏ ସମ୍ପର୍କରେ ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି, ରାଜ୍ୟ ସରକାର ଅତୀତରେ ଏ ସଂକ୍ରାନ୍ତରେ ଚିନ୍ତା କରିଥିଲେ। ଜଣାଯାଇଥିଲା ଯେ, ଦୀର୍ଘ ବର୍ଷ ପୂର୍ବରୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ କେତେକ ସଂଶୋଧନ ଯୋଗୁ ଏଭଳି ପରିସ୍ଥିତି ଉପୁଜିଛି। ଅର୍ଥାତ୍ ପୂର୍ବରୁ ଥିବା ଶିଶୁ ଶ୍ରେଣୀ ଉଠିଯିବା ଦ୍ୱାରା ଅଭିଭାବକମାନେ ବେସରକାରୀ ବିଦ୍ୟାଳୟ ମୁହାଁ ହେବାକୁ ବାଧ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ ପ୍ରି-ନର୍ସରି ସରକାରୀ ନୁହେଁ, ବେସରକାରୀ ଶିକ୍ଷାନୁଷ୍ଠାନରେ ଉପଲବ୍ଧ ହେଉଛି। ସରକାର ଯେଉଁ ତ୍ରୁଟି କରିଛନ୍ତି ତା'ର ସଂଶୋଧନ ନ କଲେ ଆଗକୁ ପରିଣିତି ଅଧିକ ଜଟିଳ ହେବ ବୋଲି ଚିନ୍ତା କରାଯାଇଥିଲା। କାରଣ ଅଢେଇ ବର୍ଷ, ୩ ବର୍ଷର ପିଲାଙ୍କୁ ବିଭିନ୍ନ ବେସରକାରୀ ବିଦ୍ୟାଳୟରେ ନାମ ଲେଖାଇ ଦିଆଯାଉଛି। ଯେହେତୁ ଏସବୁ ବିଦ୍ୟାଳୟରେ ପିଲାମାନେ ଅତି କମ୍‌ରେ ୩/୪ ବର୍ଷ ପର୍ଯ୍ୟନ୍ତ ପଢୁଛନ୍ତି ତେଣୁ ଶିକ୍ଷାନୁଷ୍ଠାନ ସହ ସେମାନଙ୍କ ସମ୍ପର୍କ ଯୋଡି ହୋଇଯାଉଛି। ପରବର୍ତ୍ତୀ ସମୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଶେଷକରି ସରକାରୀ ବିଦ୍ୟାଳୟରେ ପଢ଼ାଇବା ପାଇଁ ଇଚ୍ଛାବ୍ୟକ୍ତ କରୁନାହାନ୍ତି। କେବଳ ଏତିକି ନୁହେଁ, ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇବାକୁ ହେଲେ ସର୍ବନିମ୍ନ ୫ ବର୍ଷ ଉପରେ ଅର୍ଥାତ୍ ୬ ବର୍ଷ ବୟସ ହୋଇଥିବା ଆବଶ୍ୟକ। ସମ୍ପୃକ୍ତ ଛାତ୍ରୀଛାତ୍ର ୯ମରେ ପଢ଼ିବାବେଳକୁ ତାଙ୍କ ସର୍ବନିମ୍ନ ବୟସ ୧୪ ବର୍ଷ ହେବା ଜରୁରୀ। ୧୪ ବର୍ଷ ହୋଇ ନ ଥିଲେ ଛାତ୍ରୀଛାତ୍ରଙ୍କୁ ୧ ବର୍ଷ ଅଟକିବାକୁ ପଡ଼ିବ। ଏହି ନିୟମ ବେସରକାରୀ ବିଦ୍ୟାଳୟରେ ନାହିଁ। ଏଭଳି ଏକାଧିକ କାରଣରୁ ଛାତ୍ର ଅଭିଭାବକ ମାଗଣା ଅପେକ୍ଷା ଅର୍ଥ ଖର୍ଚ୍ଚ କରି ସେମାନଙ୍କ ପିଲାଙ୍କୁ ବେସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଏ ପରିସ୍ଥିତିରେ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରି ନର୍ସରି ଖୋଲିବା ଆବଶ୍ୟକ। କାରଣ ଏହି ଶିକ୍ଷାନୁଷ୍ଠାନରେ ତାଲିମପ୍ରାପ୍ତ ଶିକ୍ଷକ ଅଛନ୍ତି। ପ୍ରଶସ୍ତ ଭିତ୍ତିଭୂମି ସାଙ୍ଗକୁ ଉତ୍ତମ ପରିବେଶ ରହୁଛି। ଖେଳ ଉପକରଣ ସାଙ୍ଗକୁ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦିଆଗଲେ ଅଭିଭାବକମାନେ ଆକର୍ଷିତ ହୁଅନ୍ତେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ସରକାର ଏ ପର୍ଯ୍ୟନ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରି-ନର୍ସରି ଖୋଲିନାହାନ୍ତି। କେବେ ଖୋଲିବେ ସେ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ।



ସରକାରୀ କଟକଣା ସତ୍ତ୍ୱେ ମହାନଦୀର ପାରାଦୀପସ୍ଥିତ ବାହାକୁଦ ଘାଟରେ ବିନା ସୁରକ୍ଷା ଉପକରଣରେ ଯାତ୍ରୀମାନେ ଡଙ୍ଗାରେ ଘାଟ ପାର ହେଉଛନ୍ତି।

# ପୂର୍ବତନ ସୈନିକଙ୍କ ପେନ୍‌ସନ ବୃଦ୍ଧି ନ ହେବାରୁ କ୍ଷୋଭ



ସଂଘ ପକ୍ଷରୁ ପୂର୍ବତନ ସୈନିକ ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ସମ୍ମାନିତ କରାଯାଉଛି।

ବିରିଡି/ବାଲିଆ, ୨୬।୩ (ଡି.ଏନ୍.ଏ./ସ୍ୱ.ପ୍ର.)

ପୂର୍ବତନ ସୈନିକ ପରିବାର ସଂଘ ଜଗତ୍‌ସିଂହପୁର ପକ୍ଷରୁ ରବିବାର ବିରିଡି ବ୍ଲକ ଶଢ଼େଇଶାସନସ୍ଥିତ ମା'ବୁଢ଼ୀଜାଗୁଳାଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନିତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ବିରଞ୍ଚିନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ବିପିନ ମହାପାତ୍ର ଯୋଗଦେଇଥିଲେ। ବୈଠକରେ ୱାନ ର୍‍ୟାଙ୍କ ୱାନ ପେନ୍‌ସନ -୨ରେ ପୂର୍ବତନ ସୈନିକଙ୍କ ପେନ୍‌ସନ୍ ବୃଦ୍ଧି ହୋଇ ନ ଥିବା, ସେମାନେ ପାଉଥିବା ପେନ୍‌ସନରୁ କେନ୍ଦ୍ର ସରକାର କିଛି କମାଇଦେବା ଉପରେ ସଂଘ ପରିବାର ପକ୍ଷରୁ କ୍ଷୋଭ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ତୁରନ୍ତ ଏଥିପ୍ରତି ସ୍ୱତନ୍ତ୍ର ବିଚାର କରି ପେନ୍‌ସନ ବଢ଼ାଇବାକୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଜଗତ୍‌ସିଂହପୁର ଓଡ଼ଶୋ ଗ୍ରାମର ପୂର୍ବତନ ସୈନିକ ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ସ୍ତ୍ରୀ ସୁକାନ୍ତୀ ସାହୁଙ୍କୁ ସଂଘ ପକ୍ଷରୁ 'ବୀର ନାରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂଯୋଜକ ଦେବାଶିଷ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଭଞ୍ଜ କିଶୋର ବେହେରା, ସୁଶାନ୍ତ ସାହୁ, ବିରିଡି ବ୍ଲକର ଆୟୁବ ସାହା, ଗୋପାଳ ଓଝା, କୈଳାସ ବେହେରା, ମାୟାଧର ପଣ୍ଡା, ମାଧବ ସ୍ୱାଇଁ, ତପନ ସାମନ୍ତରାୟ, ଜଗନ୍ନାଥ ଭୋଇ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ପୂର୍ବତନ ସୈନିକ ଯୋଗ ଦେଇଥିଲେ।

## ସାର ବୁଣିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀ ମୃତ

ଜଳେଶ୍ୱର, ୨୬।୩ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ନାମ୍ପୋ ଫାଣ୍ଡି ବାଣିଦା ଗାଁର ଜଣେ ଚାଷୀ ବିଲକୁ ସାର ବୁଣିବାକୁ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ସୁଗୋ ପଞ୍ଚାୟତ ଅଧୀନ ବାଣିଦା ଗାଁର ଜୟନ୍ତ ମହାନ୍ତି (୬୯) ନିଜ ଘରଠାରୁ ଦୂରରେ ଥିବା ଜମିକୁ ସାର ବୁଣିବାକୁ ଯାଇଥିଲେ। ବାଟରେ ଥିବା ଏକ ସେଲୋକୁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଜୟନ୍ତ ତାହା ଜାଣି ନ ପାରି ତାକୁ ସ୍ପର୍ଶ କରିବା ମାତ୍ରେ ତାର ବାମ ହାତ ଜଳିଯାଇଥିଲା। କିଛି ସମୟ ପରେ ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ଜିକେଭଙ୍ଗର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟନ୍ତ ଜଣେ ଗରିବ ଚାଷୀ ହୋଇଥିବାରୁ ଏବଂ ତାଙ୍କ ପରିବାରର ଅନ୍ୟ କିଛି ରୋଜଗାର ନ ଥିବାରୁ ବେସାହାରା ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସିପିଏମ୍ ନେତା ପଲ୍ଲୁ ଦାସଙ୍କ ସହିତ ବହୁ ଲୋକ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ଜୟନ୍ତୀ ପରିଡା ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଓ ରେଡକ୍ରସ୍‌ରୁ ସହାୟତା ଲାଗି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ, ସଙ୍ଗୀତ ପ୍ରତିଯୋଗିତା



ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ଉପଲକ୍ଷେ ଆୟୋଜିତ ବୈଠକରେ ଯୋଗଦେଇଥିବା ଅତିଥିମାନେ।

### ଦିବ୍ୟମଧୁ ଜୟନ୍ତୀ ଗ୍ରାମ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି

ବିରିଡି,୨୬।୩ (ଡି.ଏନ୍.ଏ.)

ବିରିଡି ବ୍ଲକ ଅନ୍ତର୍ଗତ ବାସନ୍ଦରା ଦିବ୍ୟମଧୁ ଜୟନ୍ତୀ ଗ୍ରାମ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହାଇସ୍କୁଲ ଆଲୁମ୍‌ନି କମିଟି ପରିଚାଳନା ସମିତି ସଭ୍ୟାସଭ୍ୟ, ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଫଳ ପ୍ରତିଯୋଗୀମାନଙ୍କୁ ଏପ୍ରିଲ ୨୧ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ହାଇସ୍କୁଲ ପକ୍ଷରୁ କୁହାଯାଇଛି। ଏଥିରେ ଅଳକା ମହାବିଦ୍ୟାଳୟର ଅଧକ୍ଷ ଡ. ବିଶ୍ୱଜିତ ରାୟ ଅଧକ୍ଷତା କରିଥିଲେ। ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ମୁଖ୍ୟବକ୍ତା ଭାବେ ବିଭୁତି ରାୟ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଏବଂ ବିଚାରକ ଭାବେ ପ୍ରଫେସର ରମାକାନ୍ତ ଭୋଇ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ସମିତିସଭ୍ୟ ସ୍ନେହାଶିଷ ଜେନା, ଶିବପ୍ରସାଦ ଜେନା, ସତ୍ୟଜିତ ରାୟ, ଲକ୍ଷ୍ମୀଧର ଭୋଇ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଆଚାର୍ଯ୍ୟ, ପ୍ରମୋଦ କର, ରବିନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ କ୍ରୀଡ଼ା ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଜନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଦମ୍ପତିଙ୍କଠାରୁ ଲୁଟ୍

ମୋରଡ଼ା,୨୬।୩ (ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମସର୍ଦା-ମାକୁନ୍ଦ ରାସ୍ତାରେ ଦୁର୍ବୃତ୍ତମାନେ ଏକ ଦମ୍ପତିଙ୍କଠାରୁ ବାଇକ୍, ମୋବାଇଲ ୫୩୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ଥାନା ଅଧୀନ ବଧି ଗ୍ରାମର ଲକ୍ଷ୍ମଣ ରାମ ତାଙ୍କ ସ୍ତ୍ରୀ ଏବଂ ପିଲା ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମସର୍ଦା-ମାକୁନ୍ଦ ରାସ୍ତାରେ ୫ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲୁଟପାଟ୍ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ପ୍ରଶଂସା

### ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ

ବିରିଡି/ବାଲିଆ,୨୬।୩(ଡି.ଏନ୍.ଏ./ସ୍ୱ.ପ୍ର.)

ବିରିଡି ବ୍ଲକ ଅଢ଼ଙ୍ଗଗଡ ବରିଷ୍ଠ ନାଗରିକ ମଞ୍ଚର ପଞ୍ଚମ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯଶୋବନ୍ତ ଗାଦିପୀଠ ଅଢ଼ଙ୍ଗ ନାଇଲୋଠାରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚ ସଭାପତି ପଦ୍ମଲାଭ ଭୋଇ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିରିଡି ଥାନା ଆଇଆଇସି ନିରଞ୍ଜନ ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପରିଣତ ବୟସରେ ବରିଷ୍ଠ ନାଗରିକମାନେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟ କରୁଥିବାରୁ ପ୍ରଶଂସା କରିଥିଲେ। ପରେ ଆଇଆଇସି ମଲ୍ଲିକ ୮୦ବର୍ଷରୁ ଊର୍ଦ୍ଧ୍ୱ ପ୍ରଫୁଲ୍ଲ କୁମାର ଦାସ, ଅଲେଖ ଚନ୍ଦ୍ର ମଲ୍ଲିକ, ବଂଶୀଧର ସ୍ୱାଇଁ, ନାରାୟଣ ମହାପାତ୍ର ଓ ସୁରେନ୍ଦ୍ର ନାଥ ବେହେରାଙ୍କୁ ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଞ୍ଚ ପକ୍ଷରୁ ଆଇଆଇସି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ମଞ୍ଚର ଅଧିନିୟମର କିଛି ଅଂଶ ପରିବର୍ତ୍ତନ କରାଯାଇଥିଲା। ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଚାରାରୋପଣ, ମଠ ମନ୍ଦିର ସଫେଇ, ଯୋଗ ଶିବିର ଓ ପୁରସ୍କାର ବିତରଣ କାର୍ଯ୍ୟମାନ ଜାରି ରହିବ ବୋଲି ସଭାପତି ଭୋଇ ପ୍ରକାଶ କରିଥିଲେ। ମଞ୍ଚର ଉପଦେଷ୍ଟା ଲିଙ୍ଗରାଜ ମଲ୍ଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ଦାସ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁଧାଂଶୁ ସାହୁ, ସହକାରୀ ସମ୍ପାଦକ ସୁବାସ ଚନ୍ଦ୍ର ଜେନାମଣି, ଉପଦେଷ୍ଟା ନିରଞ୍ଜନ ବେହେରା, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଉପସଭାପତି ପ୍ରଦୀପ୍ତ କିଶୋର ରାୟ ଧନ୍ୟବାଦ ଦେଇଥିଲେ।





ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଓ ଅନ୍ୟମାନେ।

# ଉଦ୍‌ଘାଟନୀ ମ୍ୟାଚରେ ଅଳାଭର ବିଜୟୀ

### ବାବା ସିଦ୍ଧେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୨୬।୩ (ସ୍ୱ.ପ୍ର.)

ବାବା ସିଦ୍ଧେଶ୍ୱର କ୍ରିକେଟ କ୍ଲବ କେଉପଡା ଆନୁକୂଲ୍ୟରେ ୪ର୍ଥ ବାର୍ଷିକ ପଞ୍ଚାୟତ କ୍ରିକେଟ ଲିଗ୍ ରବିବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ମହାଦେବ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ଜିଲା ଯୁବ ବିଜେଡି ସଭାପତି ସୌମ୍ୟଜିତ ମହାପାତ୍ର, ସମ୍ମାନିତ ଅତିଥିଭାବେ ସରପଞ୍ଚ ପ୍ରତିନିଧି ରମେଶ ପଲେଇ ଓ ସମିତି ସଭ୍ୟା ଜ୍ୟୋତ୍ସ୍ନାରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୋରିକିନା ପଞ୍ଚାୟତ ଓ ଅଳାଭର ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଳାଭର ବିଜୟୀ ହୋଇଛି। ଅଳାଭର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ବିନିମୟରେ ୫୮ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ବୋରିକିନା ୮ ଓଭରରେ ସମସ୍ତ ଉଇକେଟ ହରାଇ ୪୮ ରନ କରି ପରାଜିତ ହୋଇଥିଲା। ଅମ୍ପାୟରଭାବେ ସନ୍ତୋଷ ନାୟକ ଓ ଗୁରୁକୃଷ୍ଣ ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରରଭାବେ ବବୁଲ ଦାସ ଓ ଜୟପ୍ରକାଶ ପଣ୍ଡା ସହଯୋଗ କରିଥିଲେ। ମ୍ୟାଚର ସମସ୍ତ ଧାରା ବିବରଣୀ ରୁଦ୍ର ଶଙ୍କର ଜେନା ଓ ମୁନ୍ନା ବିଶ୍ୱାଳ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଓଡ଼ିଶା ଲୋକସେବା ଅଧିକାର ଆଇନ କାମରେ ଲାଗୁନି

ପାରାଦୀପ,୨୬।୩ (ସ୍ୱ.ପ୍ର.)

୨୦୧୧-୧୨ ମସିହାରେ ସମଗ୍ର ଦେଶରେ ଜନ ଲୋକପାଳ ଆଇନ୍ ପାଇଁ ଆନ୍ଦୋଳନ ହୋଇଥିଲା। ସେତେବେଳେ ଆନ୍ନା ହଜାରେ ଅନଶନ ମଧ କରିଥିଲେ। ଯେଉଁଥିପାଇଁ ୟୁପିଏ ସରକାର ପରବର୍ତ୍ତୀ ସମୟରେ ଶାସନରୁ ଯାଇଥିଲା ବୋଲି ଚର୍ଚ୍ଚା ହୁଏ। ସେହି ସମୟରେ ଓଡ଼ିଶା ସରକାର ରାଜ୍ୟରେ ଆଣିଥିଲେ ଓଡ଼ିଶା ଲୋକସେବା ଅଧିକାର ଆଇନ ୨୦୧୨। ୨୦୧୨ ସେପ୍ଟେମ୍ବର ୮ରେ ସରକାର ବିଭିନ୍ନ ଗଣମାଧ୍ୟମରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ଆଇନ୍ ଏବେ ମଧ ବଳବତ୍ତର ଥିବା ଜଣାଯାଏ। ଏହି ଆଇନର ଉପାଦେୟତା ହେଲା ଜଣେ ସାଧାରଣ ନାଗରିକ ପ୍ରତ୍ୟେକ ସରକାରୀ ଦପ୍ତରରେ କେତେଦିନ ମଧ୍ୟରେ ସୁବିଧା ସୁଯୋଗ ପାଇପାରିବେ। ଉଦାହରଣସ୍ୱରୂପ, ଜଣଙ୍କର ସନ୍ତାନ ଜନ୍ମ ନେବାର ୨୧ ଦିନ ମଧ୍ୟରେ ତାଙ୍କୁ ଜନ୍ମ ପ୍ରମାଣପତ୍ର ମିଳିବା କଥା। ଏଥିରେ ଯଦି ଖିଲାପ ହୁଏ ସମ୍ପୃକ୍ତ ବ୍ୟକ୍ତି ସେହି ଦପ୍ତରର ଉପରିସ୍ଥ ଅଧିକାରୀଙ୍କୁ ଏହି ଆଇନ ବଳରେ ଅଭିଯୋଗ କରି ପାରିବେ। ସେତେବେଳେ ସମ୍ପୃକ୍ତ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଅଧିକାରୀଙ୍କୁ ଉପସ୍ଥିତ ଅଧିକାରୀ ଦଣ୍ଡିତ କରିବାର କ୍ଷମତା ରହିଛି। ଏମିତି ପ୍ରତ୍ୟେକ ବିଭାଗର ଲୋକଙ୍କ ସେବାପାଇଁ ନିୟମ ଓ ସମୟ ସାରଣୀ ରହିଛି। ପରିତାପର ବିଷୟ ହେଲା ଏବେ ସୁଦ୍ଧା ଏହି ଆଇନ୍ ସମ୍ପର୍କରେ ପ୍ରାୟ ଅଧିକାଂଶ ଲୋକ ଅବଗତ ନାହାନ୍ତି ବୋଲି ଆଇନଜୀବୀ ଗତିକୃଷ୍ଣ ଶତପଥୀ କହିଛନ୍ତି। ଏପରି କି ଏହି ଆଇନ୍ ଜରିଆରେ କୌଣସି ସରକାରୀ କର୍ମଚାରୀ ଦଣ୍ଡିତ ହେଲାଭଳି ଦୃଷ୍ଟାନ୍ତ ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ କୁହନ୍ତି, ଏହି ଆଇନ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ବିଧାନସଭା ବାଚସ୍ପତିଙ୍କୁ ନୋଟିସ ଦେଇଛନ୍ତି।

■ ଲୋକ ସୁଫଳ ପାଉନାହାନ୍ତି

■ ଅଧିକାରୀ ମଧ ଦଣ୍ଡିତ ହେଉନାହାନ୍ତି



ଓଡ଼ିଶା ଲୋକ ସେବା ଅଧିକାର ବିଲ୍, ୨୦୧୨

ଲୋକସେବା ଆଇନ ନିମନ୍ତେ ପ୍ରକାଶିତ ବିଜ୍ଞପ୍ତି।

## ସଂକ୍ଷେପରେ

### ଦଣ୍ଡନାଚ ଅଧିକାରୀଙ୍କୁ ଆକ୍ରମଣ

**ହିଞ୍ଜିଳିକାଟୁ,୨୬।୩(ଡି.ଏନ.ଏ.):** ହିଞ୍ଜିଳି ଥାନା ସାରୁ ଗ୍ରାମରେ ରବିବାର ଦଣ୍ଡକାଳୀ ନାଚ ଧୋବା ପୁଞ୍ଜାର ଅଧିକାରୀ ଟୁନା ସେଠୀଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ଅଧିକାରୀ ଟୁନା ସନ୍ଧ୍ୟାରେ ଗାଁ ପୋଖରୀରୁ ସ୍ନାନ ସାରି ଘରକୁ ଫେରୁଥିଲେ। ଏହି ସମୟରେ ରାସ୍ତାରେ ତାଙ୍କର ବିପକ୍ଷବାଦୀ ବାପ ଓ ପୁଅ ମିଶି କାତିରେ ତାଙ୍କ ଉପରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଟୁନାଙ୍କୁ ଉଦ୍ଧାର କରି ପରିବାର ଲୋକ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହିଞ୍ଜିଳି ପୋଲିସ ଡାକ୍ତରଖାନା ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଖବର ଲେଖା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

ଫୁଲବାଣୀ ଅଫିସ, ୨୬।୩- ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଆନୁକୂଲ୍ୟରେ ନୂତନ ବିଭାଗୀୟ ମୁଖ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବହୁ ବର୍ଷ ଧରି ରାଜନୀତି ବିଜ୍ଞାନ ବିଭାଗରେ ବିଭାଗୀୟ ମୁଖ୍ୟ ନ ଥିଲେ। ଚଳିତ ବର୍ଷ ଓଡ଼ିଆ ଲୋକ ସେବା ଆୟୋଗରୁ ନିଯୁକ୍ତି ପାଇଁ ଡଃ ଅହଲ୍ୟା ଶିଅଳ ଯୋଗଦାନ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡା. ସୁଦର୍ଶନ ସାହୁ, ଦର୍ଶନ ଶାସ୍ତ୍ର ବିଭାଗୀୟ ମୁଖ୍ୟ ମୁରଲୀଧର ସେଠୀ ଉପସ୍ଥିତ ଥିଲେ। ରାଜନୀତି ବିଜ୍ଞାନ ଅଧାପକ ଦୁଷ୍ମନ୍ତ ମାର୍ଥା ସଭା ପରିଚାଳନା କରିଥିବା ବେଳେ ଅଧାପକ ଚନ୍ଦନ କୁମାର ସାହୁ, ଅନୁ ଅଗ୍ରୱାଲ, କାର୍ତ୍ତିକ ସେଣ, ପବିତ୍ର ସାହୁ ସହଯୋଗ କରିଥିଲେ। ସୁଚନାଯୋଗ୍ୟ, ଡଃ ଶିଅଳ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପାସ କରି ଜେଏନ୍‌ୟୁରୁ ଏମ୍‌ଫିଲ, ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି।

### ମିଙ୍ଗୁନପଦରରେ ସ୍ୱାସ୍ଥ୍ୟ ଶିବିର

**ଫୁଲବାଣୀ ଅଫିସ, ୨୬।୩:** ଫିରିଙ୍ଗିଆ ବ୍ଲକ ସୁମେରବନ୍ଧ ପଞ୍ଚାୟତ ମିଙ୍ଗୁନପଦରଠାରେ ବିଏସ୍‌ଏଫ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବରରେ ମିଙ୍ଗୁନପଦର, ସଲାଗୁଡ଼ା, ରତାମାସ୍କା, ସୁରକାପାଙ୍ଗା, ମାଦିପଡା, କିଲାରପାଙ୍ଗା ଗ୍ରାମରୁ ୮୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଏବଂ ଔଷଧ ବଣ୍ଟନ କରାଯାଇଥିଲା। ସୁମେରବନ୍ଧ ସରପଞ୍ଚ ସୁଶିଳା କହଁର, ୱାର୍ଡ ମେମ୍ବର ପଇ କହଁର, ମିଙ୍ଗୁନପଦର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧୀର ଚନ୍ଦ୍ର ବେଉରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଏସ୍‌ଏଫ ସହକାରୀ କମାଣ୍ଡାଣ୍ଟ ଶମ୍ଭୁ କୁମାର ବୈଦ୍ୟଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଡା. ଅଙ୍କୁଶ ରାୱଲ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ମାଓବାଦୀ ପ୍ରବଣ ତଥା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଞ୍ଚଳବାସୀ ମାନଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବା, ସେମାନଙ୍କ ଦୁଃଖ ସୁଖରେ ଅଂଶିଦାର ହେବା ସହିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ଆଦିବାସୀଙ୍କ ପିଲାମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବିଏସଏଫ୍ ଯବାନ ମାନଙ୍କ ନେତୃତ୍ୱରେ ଏଭଳି ଶିବିର ଆୟୋଜନ ହେଉଛି। ଆଗାମୀ ଦିନରେ ଏଭଳି ଶିବିର ବିଭିନ୍ନ ଗ୍ରାମରେ ଅନୁଷ୍ଠିତ ହେବ ବୋଲି ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି।

# ଘୋଷଣାରେ ସୀମିତ ବାଲ୍ୟ ବିବାହମୁକ୍ତ ଗଞ୍ଜାମ

**ଛତ୍ରପୁର,୨୬।୩(ଡି.ଏନ୍.ଏ)**

ଗଞ୍ଜାମକୁ ବାଲ୍ୟବିବାହମୁକ୍ତ ଜିଲା ଭାବେ ୨୦୨୨ ଜାନୁଆରୀ ୩ରେ ଘୋଷଣା କରାଯାଇଥିଲା। ରାଜ୍ୟରେ ଏପରି ଘୋଷଣା ପ୍ରଥମ ବୋଲି ସେତେବେଳେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ବାସ୍ତବରେ ଏହା ଘୋଷଣାରେ ସୀମିତ ରହିଛି। କାରଣ ଏବେବି ଜିଲାର ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ହେଉଥିବା ଦେଖିବାକୁ ମିଳୁଛି। କେତେକ ସ୍ଥାନରେ ବାଲ୍ୟବିବାହକୁ ସ୍ଥାନୀୟ ପୋଲିସ ଓ ପ୍ରଶାସନ ରୋକିବାରେ ସଫଳ ହୋଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ୧୨ ଓ ଫେବୃଆରୀରେ ୧୫ଟି ବାଲ୍ୟବିବାହ ରୋକାଯାଇଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି ।

**୨ ମାସରେ ୨୭ ରୋକାଗଲାଣି**

ଏଥିରୁ ଜଣାପଡୁଛି ଗଞ୍ଜାମ ଜିଲାରେ ବାଲ୍ୟବିବାହ ସମ୍ପୂର୍ଣ୍ଣ ବନ୍ଦ ହୋଇନି। ତେବେ ଜିଲା ପ୍ରଶାସନର ଉଦ୍ୟମ ଓ ବିଭିନ୍ନ ଯୋଜନା ଯୋଗୁଁ ବହୁମାତ୍ରାରେ ବାଲ୍ୟବିବାହ କମିଥିବା ଜଣାଯାଇଛି। ବାଲ୍ୟବିବାହ ଓ କନ୍ୟା ଭ୍ରୁଣ ହତ୍ୟା ରୋକିବା ସହ ଝିଅ ଓ ପୁରୁଷ ଅନୁପାତ ସମାନ କରିବା ଉଦ୍ଦେଶ୍ୟରେ ଜିଲାପ୍ରଶାସନ ପକ୍ଷରୁ 'ମୋ ଗେହ୍ଲା ଝିଅ', 'ନିର୍ଭୟା କଡ଼ୀ' ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତତ୍କାଳୀନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମୟରେ ଏହି ସବୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିସହ ସେ ହିଁ ଗଞ୍ଜାମ ଜିଲାକୁ ବାଲ୍ୟବିବାହମୁକ୍ତ ଜିଲା ଘୋଷଣା କରିଥିଲେ। ଗଞ୍ଜାମ ଜିଲାର ୩୩୦୯ ଗ୍ରାମ, ୨୮୦ଟି ସହରାଞ୍ଚଳ ୱାର୍ଡ ଓ ୫୦୩ଟି ପଞ୍ଚାୟତକୁ ବାଲ୍ୟ ବିବାହମୁକ୍ତ ଭାବେ ଘୋଷଣା କରାଯାଇଥିଲା। ପ୍ରଶାସନ ପଦକ୍ଷେପ ସ୍ୱରୂପ ଯେଉଁ ଅଞ୍ଚଳର ସ୍କୁଲରେ ଲଗାତର କୌଣସି ଝିଅ ଅନୁପସ୍ଥିତ ରହିଲେ, କେଉଁ କାରଣ ପାଇଁ ଅନୁପସ୍ଥିତ ରହିଲେ, ତାହାର ସତ୍ୟତା ନେଇ ଶିକ୍ଷକମାନେ ଯାଞ୍ଚ କରିବାକୁ କୁହାଯାଇଥିଲା। ସେହିପରି ଅଙ୍ଗନାବାଡି କର୍ମୀ/ଆଶାଦିଦି ମଧ୍ୟ ନିଜ ଅଞ୍ଚଳରେ ହେଉଥିବା ବାଲ୍ୟ ବିବାହ ଉପରେ ତୁରନ୍ତ ସିଡିପିଓ ଓ ସୁପର ଭାଇଜରଙ୍କୁ ଅବଗତ କରାଇବେ। ବାଲ୍ୟ ବିବାହ ରୋକିବା ଉପରେ କୂଳ ସମାଜର ମୁଖ୍ୟ ଭୂମିକା ଏବଂ ଗ୍ରାମ୍ୟ କମିଟିର ମଧ୍ୟ ମୁଖ୍ୟ ଭୂମିକା ରହିଛି। ସେମାନେ ବିଲ୍ୟ ବିବାହକୁ ମନା କଲେ ଜିଲାରେ ଆଉ ବାଲ୍ୟ ବିବାହ ହେବନାହିଁ । ତେବେ ଏତେସବୁ ପଦକ୍ଷେପ ପରେ ମଧ୍ୟ ବାଲ୍ୟବିବାହ ନେଇ ଲୋକଙ୍କଠାରେ ସଚେତନତା ଅଭାବ ପରିଲକ୍ଷିତ ହେଉଛି। ଏକ ସମୀକ୍ଷାରୁ ଜଣାଯାଇଛି ଯେ ଜିଲାରେ ୬ବର୍ଷ ମଧ୍ୟରେ ୮୫୧ଟି ବାଲ୍ୟ ବିବାହ ପୋଲିସ ସହାୟତାରେ ପ୍ରଶାସନ ପକ୍ଷରୁ ରୋକାଯାଇଛି । ୨୦୧୭ରେ ୨୪, ୨୦୧୮ରେ ୨୨, ୨୦୧୯ରେ ୪୫, ୨୦୨୦ରେ ୨୨୮, ୨୦୨୧ରେ ୨୦୧ ଓ ୨୦୨୨ରେ ସର୍ବାଧିକ ୩୩୧, ବାଲ୍ୟ ବିବାହ ରୋକିବାରେ ଜିଲାପ୍ରଶାସନ ସଫଳ ହୋଇଛି ।

# ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପୁରୁଷୋତ୍ତମପୁର,୨୬।୩(ଡି.ଏନ.ଏ.)**

ପୁରୁଷୋତ୍ତମପୁର ସେବା ସମବାୟ ସମିତି ପକ୍ଷରୁ ରବିବାର ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ସଭାପତି ବିଘ୍ନରାଜ ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଖ୍ୟଅତିଥି ଭାବେ ସମବାୟ ବ୍ୟାଙ୍କର ଶାଖା ପରିଚାଳକ କୃଷ୍ଣ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ପ୍ରିୟଙ୍କା ଗୌଡ, ପୁରୁଷୋତ୍ତମପୁର କ୍ଷେତ୍ର ପରିଚାଳକ ରାଜେନ୍ଦ୍ର କୁମାର ଜେନା ଓ ଛତ୍ରପୁର ମଣ୍ଡଳ କ୍ଷେତ୍ର ପରିଚାଳକ ଜି କ୍ରିଷ୍ଣା ରାଓ ଯୋଗଦେଇ ଚାଷୀଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଫସଲ ଋଣ ପ୍ରଦାନ କରିବା, ଏକ ଲକ୍ଷରୁ ତିନି ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁଇ ପ୍ରତିଶତ ସୁଧରେ ଋଣ ପ୍ରଦାନ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ଉପ ସଭାନେତ୍ରୀ ଶସ୍ମିତା ଦାଶ, ଡାଇରେକ୍ଟର ସୀମାଞ୍ଚଳ ମିଶ୍ର, ଉତ୍ତମ ବିହାରୀ ମହାପାତ୍ର, ରୁପେଶ କୁମାର ସାହୁ, ବିପ୍ର ବେହେରା, ହିମାଂଶୁ ଶେଖର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ଏହାକୁ ସମ୍ପାଦକ ଜି ଲୋକନାଥ ଆଚାରି ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# କିଲୁପଙ୍ଗାରେ ଅଣ୍ଡାଦିଆ କୁକୁଡ଼ା ଫାର୍ମ ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୨୬।୩**

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଜାମଝରୀ ପଞ୍ଚାୟତ ଅନ୍ତର୍ଗତ କିଲୁପଙ୍ଗା ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ଏକ ଅଣ୍ଡାଦିଆ କୁକୁଡା ଫାର୍ମ ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ଫୁଲବାଣୀ ବ୍ଲକ ଅଧକ୍ଷା ସସ୍ମିତା କହଁର ଉଦ୍‌ଘାଟନ କରିଥିଲେ। ଏହି ଫାର୍ମ ଆନନ୍ଦେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶନ ଜୀବିକା ଯୋଜନାରେ ଏକ ହଜାର ଅଣ୍ଡାଦିଆ କୁକୁଡ଼ା ଓ ଆନୁସଙ୍ଗିକ ଜିନିଷ ଯୋଗାଇ ଦିଆଯାଇଛି। କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲାର ଅଣ୍ଡାର ଆବଶ୍ୟକତା ପୂରଣ ସହିତ ମହିଳା ମାନଙ୍କ ଆର୍ଥିକ ଅଭିବୃଦ୍ଧି କରିବା ପାଇଁ ଏଭଳି ପଦକ୍ଷେପ ନେଇଛନ୍ତି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର ଅଣ୍ଡାଦିଆ କୁକୁଡ଼ା କେନ୍ଦ୍ର ପ୍ରତିଷ୍ଠା ସହିତ ଜନଜାତି ମହିଳା ମାନଙ୍କର ବିକାଶ ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି ବୋଲି ଏହି ଅବସରରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାମଝରି ସରପଞ୍ଚ ଲଳିତା କହଁର, ସମିତି ସଭ୍ୟ ପାରେଶ୍ୱର କହଁର, ଫୁଲବାଣୀ ଜିଲା ପରିଷଦ ସଭ୍ୟା ଚନ୍ଦ୍ରମା ମଲ୍ଲିକ, କଟ୍ରିଙ୍ଗିଆ ସରପଞ୍ଚ ପ୍ରତିଭା କହଁର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ସଞ୍ଜୀବ କୁମାର ପଟେଲ, ଡା ଅଳକା ପଟ୍ଟନାୟକ, ମିଶନ ଶକ୍ତି ସଂଯୋଜକ ସୁନୀଲ ମଲ୍ଲିକ କୁକୁଡ଼ା ପାଳନ ସମ୍ପର୍କରେ ବୁଝାଇ ଥିଲେ। ଆଇଟିଡିଏର ଜୀବିକା ବିଶେଷଜ୍ଞ ବୈଦ୍ୟନାଥ ଖଟୁଆ, ପ୍ରକଳ୍ପ ପରିଚାଳକ ପି. ମୁରଲୀ ମୋହନ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବିଶ୍ୱରଥୀ କହଁର, ପ୍ରକାଶ ବାଘ, ବିଷ୍ଣୁ କହଁର ପ୍ରମୁଖ ସହଯୋଗ କରିଥିଲେ ।




ବିଧାୟକଙ୍କ ସହ ଅନ୍ୟମାନେ।

### ବ୍ରାହ୍ମଣ ସମାଜର ପ୍ରଥମ ବୈଠକ

**ପାରଳାଖେମୁଣ୍ଡି,୨୬।୩(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ଥିବା ବଡରାଧାକାନ୍ତ ମଠ ପରିସରରେ ବ୍ରାହ୍ମଣ ସମାଜର ପ୍ରଥମ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡ.ଶଙ୍କର ପ୍ରସାଦ ବକ୍ସି, ରାଜେନ୍ଦ୍ର ରଥ, ଅଶ୍ୱିନୀ ପାଢୀ, ପଣ୍ଡିତ ଜଗନ୍ନାଥ ରଥଶର୍ମା ଏବଂ ଦୁର୍ଗା ପ୍ରସାଦ ରଥ ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ସଂଘର ପରବର୍ତ୍ତୀ ବୈଠକ ଆସନ୍ତା ଏପ୍ରିଲ ୨୩ତାରିଖ ସକାଳ ୧୦ଟାରେ ଧାର୍ଯ୍ୟ କରାଯାଇଛି। ବୈଠକ ସଫଳତାର ସହ ଆୟୋଜନ କରିବାରେ ସହାୟକ ହୋଇଥିବାରୁ ବରିଷ୍ଠ ବ୍ରାହ୍ମଣ ବସନ୍ତ କୁମାର ପଣ୍ଡା ଏବଂ ପ୍ରମୋଦ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମ ନିଶ୍ଚିତ ଭାବେ ଆମ ପାଇଁ ପ୍ରେରଣା ବୋଲି ବ୍ରାହ୍ମଣ ସମାଜରେ ମତ ପ୍ରକାଶ ପାଇଥିଲା। ବୈଠକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ବୈଠକରେ ଅଧିକରୁ ଅଧିକ ବ୍ରାହ୍ମଣ ସମାଜର ସଭ୍ୟ ତଥା ସଦସ୍ୟମାନେ ଯୋଗଦେଇ ସଂଘକୁ ଆଗେଇ ନେବା ପାଇଁ ଆଲୋଚନା ହୋଇଥିଲା। ଏହି ବ୍ରାହ୍ମଣ ସମାଜରେ ୬ଶହରୁ ଅଧିକ ସଭ୍ୟ ସାମିଲ ଅଛନ୍ତି।

### ପରଳ ଚକ୍ଷୁ ପରୀକ୍ଷା ଶିବିର

**ଖଲ୍ଲିକୋଟ,୨୬।୩(ଡି.ଏନ.ଏ.)**

ଖଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ, ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ଓ ସାଇଟ ସେଭରସ୍ ଇଣ୍ଟେରନ୍ୟାଶନାଲ ମିଳିତ ଆନୁକୂଲ୍ୟରେ ରବିବାର ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ଯୁବରାଜ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ଖଲ୍ଲିକୋଟ ଏନ୍‌ଏସି ଅଧକ୍ଷ ଇଂ. ନିରଞ୍ଜନ ବେହେରା, ଡାକ୍ତର ପ୍ରସନ୍ନ କୁମାର ସାହୁ ଶୁଭାରମ୍ଭ କରିଥିଲେ। ମୋଟ ୬୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮ ଜଣଙ୍କୁ ଚଷମା ଦିଆଯାଇଥିଲା। ମୋଟ ୭ ଜଣଙ୍କ ରେଟିନା ଚେକ ଅପ କରାଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟର କ୍ୟାମ୍ପ ମ୍ୟାନେଜର ନଳିନୀ କାନ୍ତ ରାଉତ, ଚିଫ ଅପଟୋମେଟ୍ରିଷ୍ଟ ରଶ୍ମିରେଖା ବେହେରା, ମିସ୍ ପାୟଲ ପାତ୍ର, ମମତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଦାସ, ଚକ୍ଷୁ ଟେକ୍ନିସିଆନ ଚାନ୍ଦିନୀ ସାବତ ଓ ରଘୁନାଥ ପାଢି ଶିବିରରେ ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ଋଷିକୂଲ୍ୟା ଜିଲା ଗଠନ ଲାଗି ବୈଠକ

## ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଆସିକା,୨୬।୩ (ଡି.ଏନ.ଏ)**

ଆସିକା ଓ ଏହାର ଆଖପାଖ ବ୍ଲକକୁ ନେଇ ଋଷିକୁଲ୍ୟା ଜିଲା ଗଠନ ସହ ଏହାର ସଦର ମହକୁମା ଆସିକାରେ ରଖିବା ଲାଗି ଦୀର୍ଘଦିନ ଧରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସିଥିଲେ ମଧ୍ୟ ଏଥିପ୍ରତି ସରକାରଙ୍କ ଦୃଷ୍ଟିଭଙ୍ଗୀ ନ ଥିବାରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ରବିବାର ସ୍ଥାନୀୟ ଟାଉନ୍‌ହଲଠାରେ ଅଞ୍ଚଳବାସୀଙ୍କୁ ନେଇ ହୋଇଥିବା ଜିଲା ଗଠନ ବୈଠକରେ ଏହି ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଆସିକା ଓକିଲ ସଂଘର ନବନିର୍ବାଚିତ ସଭାପତି ରବୀନ୍ଦ୍ରନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ସମ୍ପାଦକ ନାରାୟଣ ମୁନି, ଲଳିତ ମୋହନ ଦାସ, ଡାକ୍ତର ଶ୍ୟାମଘନ ବିଶ୍ୱାଳ, ଅରୁଣ କୁମାର ପାତ୍ର, ସତ୍ୟନାରାୟଣ ରଥ, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଜିଲା ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ଏକଦା ଚିନିଲାଗି ସମଗ୍ର ଏସିଆ ମହାଦେଶରେ ସୁନାମ ଅର୍ଜନ କରିଥିବା ଓ ରାଜ୍ୟରେ ସମବାୟ ଆନ୍ଦୋଳନର ଅନ୍ତୁଡିଶାଳ ବୋଲି କୁହାଯାଉଥିବା ଆସିକାରେ ଜିଲା ଗଠନ ଲାଗି ସମସ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ଏଥିପ୍ରତି ସରକାରୀ ହେୟମନ୍ୟତା ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଆସିକା, ଶେରଗଡ, ସାନଖେମୁଣ୍ଡି, ଧରାକୋଟ, ହିଞ୍ଜିଳି, ସୋରଡା, କବିସୂର୍ଯ୍ୟନଗର, ପୋଲସରା ଏବଂ କୋଦଳା ତହସିଲକୁ ନେଇ ଋଷିକୁଲ୍ୟା ଜିଲା ଗଠନ ଲାଗି ବୈଠକରେ ଦୃଢ଼ମତ ପ୍ରକାଶ ପାଇଥିଲା। ସରକାର ଗଜପତି, ଦେବଗଡ, ଝାରସୁଗୁଡା ଆଦି ଜିଲା ୩ରୁ ୪ଟି ବ୍ଲକକୁ ନେଇ ଗଠନ କରିଥିଲେ । ଏପରିକି ନିକଟ ଅତୀତରେ କେବଳ ପଦ୍ମପୁର ସବ୍‌ଡିଭିଜନର ମାତ୍ର ୩ ବ୍ଲକକୁ ନେଇ ପଦ୍ମପୁର ଜିଲା ଗଠନ ଲାଗି ଘୋଷଣା କରିଥିଲେ ମଧ୍ୟ ପ୍ରସ୍ତାବିତ ଋଷିକୁଲ୍ୟା ଜିଲାର ଜନସଂଖ୍ୟା ୧୫ ଲକ୍ଷରୁ ଅଧିକ ଥିଲେ ମଧ୍ୟ ଏଥିପ୍ରତି ହେୟ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରାଯାଇଥିଲା । ଏ ପରିସ୍ଥିତିରେ ଏହି ଜିଲା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାଲାଗି ନିଷ୍ପତ୍ତି କରାଯିବା ସହ ବିଭିନ୍ନ ବ୍ଲକର ନିର୍ବାଚିତ ପ୍ରତିନିଧିଙ୍କୁ ଏହି ଆନ୍ଦୋଳନରେ ସାମିଲ କରି ଜିଲା ଗଠନର ଆବଶ୍ୟକତା ସମ୍ପର୍କରେ ସେମାନଙ୍କ ଦୃଷ୍ଟିଆକର୍ଷଣ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି ଏକ କମିଟି ଗଠନ କରାଯାଇଛି । ଆଗାମୀ ୨୮ ତାରିଖରେ ଏହି କମିଟିର ପୁନଃ ବୈଠକରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିରୂପଣ ଲାଗି ନିଷ୍ପତ୍ତି ନିଆଯାଇଛି ।

# ଡାଇବେଟିସ୍, ଏଣ୍ଡୋକେୟାର କ୍ଲିନିକ, ଭାରତୀୟ ଜୀବନ ବୀମା ପକ୍ଷରୁ ମଧୁମେହ ପଞ୍ଚାୟତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ବ୍ରହ୍ମପୁର ଅଫିସ,୨୬।୩**

ଡାଇବେଟିସ୍ ଓ ଏଣ୍ଡୋକେୟାର କ୍ଲିନିକ ଏବଂ ଭାରତୀୟ ଜୀବନ ବୀମା ନିଗମ ପକ୍ଷରୁ ଟାଉନହଲଠାରେ ମଧୁମେହ ପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା ସୁନୀଲ କୁମାର କୋଟା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ର ଓ ଏଲଆଇସିର ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ ଦୋରା ଯୋଗ ଦେଇଥିଲେ। ଡାଇବେଟିସକୁ ରୋକିବା ପାଇଁ ବର୍ତ୍ତମାନର ଜୀବନ ଶୈଳୀ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବା ପାଇଁ ଏମ୍‌ପି କହିଥିଲେ। ଏହି ଅବସରରେ ୧୦ ବିଶେଷଜ୍ଞ ଉପସ୍ଥିତ ଜନସାଧାରଣଙ୍କ ଡାଇବେଟିସ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପ୍ରକାଶ ଚନ୍ଦ୍ର ପାତ୍ର, ଡା. ଜେ. ଭରତ୍ତୁଡ୍ଡୁ, ଡା. ଉମା ଶଙ୍କର ମିଶ୍ର, ବୃକ୍କ ରୋଗ ବିଶେଷଜ୍ଞ ଡା ଅମଳେନ୍ଦୁ ଜେନାଙ୍କ ସମେତ ବହୁ ବିଶେଷଜ୍ଞ ଉପସ୍ଥିତ ଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ

**ବାଲିଗୁଡା,୨୬।୩(ଡି.ଏନ.ଏ.)**

ବାଲିଗୁଡ଼ା ଷ୍ଟବସ୍‌ଷ୍ଟାଣ୍ଡ ନିକଟ ନୂଆସାହି ଓ ବୁଢ଼ାଗୁଡାକୁ ଯିବା ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଗତ ବର୍ଷା ଋତୁରେ ପ୍ରବଳ ବନ୍ୟା ପାଣି ଆସି ରାସ୍ତାର ପିଚୁ ଉଠିଯିବା ସହ ଖାଲଖମା ହୋଇ ପାଣି ଜମି ରହିଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ଦେଖାଯାଇଛି। ଗତ ଦଶହରା ଯାତ୍ରା ସମୟରେ ସେହି ରାସ୍ତାରେ ଥିବା ଖାଲରେ ମାଟି ପକାଇ ଦେଇ ନିଜ କାର୍ଯ୍ୟ ଶେଷ କରି ଦେଇଥିବାରୁ ବର୍ତ୍ତମାନ ସାମାନ୍ୟ ବର୍ଷାରେ ପୁଣି ଖାଲ ହୋଇ ପାଣି ଜମି ରହୁଛି। ଯାହାକି ଯାନବାହନ ଯାତାୟାତ ସମୟରେ ପାଣି ଛିଟିକି ଜନସାଧାରଣଙ୍କ ଉପରେ ପଡୁଛି। ଏ ନେଇ ମଧ୍ୟ ଯାନବାହନ ଚାଳକ ଓ ଜନସାଧାରଣଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି। ଏହି ରାସ୍ତାକଡ଼କୁ ଲାଗି ଦୁଇଟି ପୋଖରୀ ରହିଥିବା ବେଳେ ବର୍ଷା ସମୟରେ ସେହି ପୋଖରୀ ର ଉଦ୍‌ବୃତ୍ତ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପର ଦେଇ ପ୍ରବାହିତ ହୋଇଥିବାରୁ ରାସ୍ତାର ଏଭଳି ଅବସ୍ଥା ହେଉଛି। ବାଲିଗୁଡା ଟାଉନ୍‌ର ଏପରି ଅନେକ ରାସ୍ତା ଖାଲ ଢିପ ହୋଇ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଧବଳେଶ୍ୱର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ତାହା ଆମ ନଜରକୁ ଆସିଛି, ଉକ୍ତ ରାସ୍ତା ଶୀଘ୍ର ମରାମତି କରାଯିବ। ଆଗକୁ ଶ୍ରୀରାମ ନବମୀ ଓ ତେର ଶମ୍ଭୁ ମିଳନ ରହିଥିବାରୁ ସେହି ରାସ୍ତା ନିର୍ମାଣ ଲାଗି ଦାବି ହେଉଛି।



ଶୋଚନୀୟ ରାସ୍ତା।

# ରଙ୍ଗେଇଲୁଣ୍ଡାରୁ ହାଇଦ୍ରାବାଦ, କୋଲକାତା ଓ ବିଶାଖାପାଟଣାକୁ ବିମାନ ସେବା ଦାବି

## ଫୋରମ୍ ପକ୍ଷରୁ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୬।୩**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡାକୁ ପୂର୍ଣ୍ଣାଙ୍ଗ ବିମାନ ବନ୍ଦର ସହ ରଙ୍ଗେଇଲୁଣ୍ଡାରୁ ହାଇଦ୍ରାବାଦ, କୋଲକାତା ଓ ବିଶାଖାପାଟଣାକୁ ପ୍ରତିଦିନ ବିମାନ ସେବା ପାଇଁ ଓଡିଶା ଡେଭଲପମେଣ୍ଟ ଫୋରମ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଫୋରମ୍ ପକ୍ଷରୁ କୁହାଯାଇଥିଲା, ଗତ ୫ ତାରିଖଠାରୁ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରୁ ଭୁବନେଶ୍ୱରକୁ ଏକ ନନ ସେଡୁଲ ବିମାନ ସେବା ସପ୍ତାହକୁ ୨ ଦିନ ପାଇଁ ଆରମ୍ଭ ହୋଇଛି। କିନ୍ତୁ ପ୍ରତିଦିନ ବିମାନସେବା ନ ଥିବା ଓ ଅନ୍‌ଲାଇନ୍ ଟିକଟ ବ୍ୟବସ୍ଥା ନ ଥିବାରୁ ଜନ ସାଧାରଣ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଫୋରମ କହିଛି। ଏପରିକି ପଡୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ର ଓ ତେଲେଙ୍ଗାନାରୁ ଲକ୍ଷାଧିକ ପର୍ଯ୍ୟଟକ ତାରାତାରିଣୀ, ଗୋପାଳପୁର, ଚିଲିକା, ଦାରିଙ୍ଗବାଡି ଓ ଜିରାଙ୍ଗକୁ ଆସୁଛନ୍ତି। ଏପରିକି ବ୍ରହ୍ମପୁର ଓ ଦକ୍ଷିଣ ଓଡିଶାରୁ ହଜାର ହଜାର ବ୍ୟବସାୟୀ ଓ ସାଧାରଣ ଜନତା ପ୍ରତିଦିନ ବିଶାଖାପାଟଣା, କଲିକତା, ହାଇଦ୍ରାବାଦ ଉପରେ ନିର୍ଭରଶୀଳ ଥିବାରୁ ଉକ୍ତ ଅଞ୍ଚଳଗୁଡିକୁ ଦୈନିକ ବିମାନ ବ୍ୟବସ୍ଥାର ସଫଳ ହେବ। କେବଳ ବ୍ରହ୍ମପୁରରୁ ଭୁବନେଶ୍ୱରକୁ ବିମାନ ନ ଚଳାଇ ହାଇଦ୍ରାବାଦ, କଲିକତା ଓ ବିଶାଖାପାଟଣାକୁ ବିମାନ ସେବା ପ୍ରତିଦିନ ଯୋଗାଇବା ପାଇଁ ଫୋରମ୍ ପକ୍ଷରୁ ଦାବି କରାଯାଇଥିଲା। ତତ୍‌ସହିତ ଅନ୍‌ଲାଇନ ଟିକେଟ ବିକ୍ରିର ଖୁବ ଶୀଘ୍ର ବ୍ୟବସ୍ଥା, ବ୍ରହ୍ମପୁରରୁ ଭୁବନେଶ୍ୱର ସେଡୁଲ ବିମାନ ଚଳାଚଳ, ଭୁବନେଶ୍ୱରରୁ ବ୍ରହ୍ମପୁର ବିମାନକୁ ପ୍ରତିଦିନ ୨ ଥର ଚଳାଇବା ଓ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ଫୋରମ୍ ଦାବି କରିଛି। ଏଥିସହ ଭୁବନେଶ୍ୱର ଓ ବିଶାଖାପାଟଣାକୁ ଚାଲିବାକୁ ଥିବା ବିମାନକୁ ଲିଙ୍କ ବିମାନ ଭାବେ ଚଲାଇବା ଓ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରର ଭିତ୍ତିଭୂମିର ବିକାଶକରି ସବୁ ଦିନିଆ ଗ୍ରୀନ୍ ଫିଲ୍ଡ ଯାତ୍ରୀବାହୀ ଓ କାର୍ଗୋ ବିମାନ ବନ୍ଦର ଶୀଘ୍ର ପ୍ରତିଷ୍ଠା ପାଇଁ ମଧ୍ୟ ଫୋରମ୍ ଦାବି କରିଥିଲା। ଏ ନେଇ ମନ୍ତ୍ରୀ କହିଥିଲେ, ଖୁବ ଶୀଘ୍ର ଅନ୍‌ଲାଇନ୍ ଟିକଟ ବିକ୍ରି ସହ ବ୍ରହ୍ମପୁରରୁ ଭୁବନେଶ୍ୱର ଓ ବିଶାଖାପାଟଣାକୁ ସେଡୁଲ ବିମାନ ଚଳାଚଳ ଏବଂ ଲିଙ୍କ ବିମାନ ଚଳାଇ ବିମାନ ବନ୍ଦରରେ ବିଭିନ୍ନ ଜନ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତତ୍‌ସହିତ ରଙ୍ଗେଇଲୁଣ୍ଡା ନିକଟରେ ଭିତ୍ତିଭୂମିର ବିକାଶ କରି ଏକ ପୂର୍ଣ୍ଣାଙ୍ଗ ବିମାନ ବନ୍ଦର ପାଇଁ ଚେଷ୍ଟା କରାଯାଉଥିବା ନେଇ ମନ୍ତ୍ରୀ ସୂଚନା ଦେଇଥିବା ଫୋରମ୍ ପକ୍ଷରୁ କୁହାଯାଇଛି। ଏହି ଦାବି ପତ୍ର ପ୍ରଦାନ ସମୟରେ ଫୋରମ୍ ସମ୍ପାଦକ ଭି. ସୋମେଶ୍ୱର ରାଓ, ସହ ସମ୍ପାଦକ ମାନସ ରଞ୍ଜନ ପାତ୍ର, ପ୍ରବୀଣ ପଟ୍ଟନାୟକ, ବିନୋଦ ସାବତ ଓ ଏନ୍. ନୀଳମାଧବ ପାତ୍ରଙ୍କ ସମେତ ଫୋରମ୍‌ର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳା ନକଲି ସାର୍ଟିଫିକେଟ୍ ଦାଖଲ କରି ଧରାପଡ଼ିଲେ

କେନ୍ଦ୍ରାପଡ଼ା ଅଫିସ, ୨୬।୩: କେନ୍ଦ୍ରାପଡ଼ା ଡାକ ଡିଭିଜନ ଅଧୀନରେ ଡାକସେବକ ପଦ ପାଇଁ ନକଲି ସାର୍ଟିଫିକେଟ୍‌ରେ ଆବେଦନ କରିଥିବା ମହିଳା ଧରାପଡ଼ିଛନ୍ତି। ଏ ନେଇ ଡାକ ବିଭାଗ ପକ୍ଷରୁ ଅଭିଯୋଗ ପରେ କେନ୍ଦ୍ରାପଡ଼ା ଟାଉନ ଥାନାରେ ନଂ.୧୦୧/୨୩ରେ ମାମଲା ରୁଜୁ କରାଯାଇଛି। ଏହି ମହିଳା ହେଉଛନ୍ତି ଭଦ୍ରକ ଜିଲା ଲୁଣିଆ ଗ୍ରାମର ଅନୀତା ଜେନା। କେନ୍ଦ୍ରାପଡ଼ାରେ ବିବାହ କରିଛନ୍ତି। ଗତ ୨୭ ତାରିଖରେ କେନ୍ଦ୍ରାପଡ଼ା ଡାକ ଡିଭିଜନର ଗ୍ରାମୀଣ ଡାକ ସେବକ ପାଇଁ ବିଜ୍ଞାପନ ବାହାରିଥିଲା। ଏହି ପଦ ଲାଗି ଅନୀତା ନିଜର ଶିକ୍ଷାଗତ ପ୍ରମାଣପତ୍ର ଗତ ୨୧ ତାରିଖରେ ଦାଖଲ କରିଥିଲେ। ଉତ୍ତରପ୍ରଦେଶ ଆଦର୍ଶ ଆରିଆ ଏସ୍‌ଏସ୍ ଏଚ୍‌ଏସ୍‌ଏସ୍ ତରୁଲୀ ହାର୍ଦ୍ଦୋଇ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ୍ ପାସ୍ ପ୍ରମାଣପତ୍ରରେ ମୋଟ ୬୦୦ ନମ୍ବରରୁ ୫୭୭ ରଖିଥିବା ମାର୍କଲିଷ୍ଟରେ ଦେଖିବାକୁ ମିଳିଥିଲା, ଯାହା ଡାକ ବିଭାଗର ସନ୍ଦେହକୁ ଆସିଥିଲା। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ଅନୀତା ସାର୍ଟିଫିକେଟ୍ ନକଲି ଥିବା ସୂଚନା ଦେଇଥିଲେ। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରେ ମାମଲା ପଞ୍ଜୀକୃତ ପରେ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ସେ କହିଛନ୍ତି।

### ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଯୁବକ ଗିରଫ

ବାହାନଗା, ୨୬।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକର ଦୁଇଟି ଗ୍ରାମର ଦୁଇ ନାବାଳିକାଙ୍କୁ ଅପହରଣ ହୋଇଥିବା ଦୁଇଟି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଗୋପାଳପୁର ଥାନାରେ ମାମଲା(ନଂ.୩୨/୨୩) ରୁଜୁ କରାଯାଇଛି। ସେହିପରି ସୋର ଥାନାରେ ଏକ ମାମଲା(ନଂ. ୧୬୭/୨୩) ରୁଜୁ କରାଯାଇଥିଲା। ଗୋପାଳପୁର ଥାନା ଅଧୀନ ବରିପଦା ପଞ୍ଚାୟତର ମହାରୁଦ୍ରପୁର ଗ୍ରାମର ଦେବାଶିଷ ପଣ୍ଡା ଗୋପାଳପୁର ଫାଣ୍ଡି ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପଥରପେଣ୍ଡ ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। କାଣ୍ଡଗରିଡି ଅଞ୍ଚଳର ସାଗରରଞ୍ଜନ ଗିରି ନାବାଳିକାଙ୍କୁ ନେଇଥିବା ଅଭିଯୋଗ ହୋଇଥିଲା।

### ଛାତରୁ ପଡି ମହିଳା ମୃତ

ଛେଣ୍ଡିପଦା,୨୬।୩(ସ୍ୱ.ପ୍ର)- ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମରେ ରବିବାର ଛାତରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ନୂଆସାହିର ଛାଲୁ ଲେଙ୍କାଙ୍କ ସ୍ତ୍ରୀ ସୁକାନ୍ତି ଲେଙ୍କା। ସୁକାନ୍ତି ସନ୍ଧ୍ୟାରେ ଘର ଛାତ ଉପରକୁ ଲାଗିଥିବା ଏକ କଦଳୀକାନ୍ଧି କାଟିବାକୁ ଯାଇଥିଲେ। ଛାତ ଉପରେ ଥାଇ କଦଳୀ କାନ୍ଧି କାଟୁଥିବାବେଳେ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଉଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା।

# ଜଳାଶୟ ଜମିରେ ଶପିଂ ମଲ୍ ନିର୍ମାଣ

ଯାଜପୁର ଜିଲାରେ କଳକାରଖାନା ବୃଦ୍ଧି ପ୍ରଭାବରେ ଭୂତଳ ଜଳସ୍ତର ହ୍ରାସ ପାଇ ଚାଲିଥିବାବେଳେ ଜଳାଶୟ କିସମ ଜମି ମଧ୍ୟ କମିବାରେ ଲାଗିଛି। ପୁରାତନ ପୋଖରୀକୁ ପୋତାଯାଇ ବିଭିନ୍ନ ନିର୍ମାଣ କରାଯାଉଛି। ଏଭଳି କେତେକ ସାଂଘାତିକ କାର୍ଯ୍ୟ ଯୋଗୁ ପ୍ରାକୃତିକ ଜଳଉତ୍ସ ସଙ୍କୁଚିତ ହୋଇଚାଲିଛି। ଏହାର ପରିଣାମ ସ୍ୱରୂପ ଜିଲାବାସୀ ପ୍ରାୟ ୧ ଦଶନ୍ଧି ହେଲା ପାନୀୟ ଜଳ ସଙ୍କଟକୁ ସାମ୍ନା କରୁଛନ୍ତି। ଅନେକେ ସ୍ୱଚ୍ଛ ପାଣି ପାଇ ନ ପାରି କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବା ସହ ଅକାଳରେ ପ୍ରାଣ ହରାଉଛନ୍ତି।

ଯାଜପୁର ଅଫିସ,୨୬।୩

- ଏନ୍‌ଜିଟିରେ ମାମଲା, ଜବରଦଖଲକାରୀଙ୍କୁ ନୋଟିସ
- ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତାଦେଶ

ଯାଜପୁର ସହରର ୟୁନିଟ-୮ ଯଯାତିନଗରର ପ୍ଲଟ ନମ୍ବର ୬୬୭, ଖାତା ନମ୍ବର ୬୩୬/୫୦୩ରେ ଥିବା ଏକ ଜଳାଶୟ କିସମ ଜମିକୁ ପୋତି ଶପିଂ ମଲ୍ ନିର୍ମାଣ ହେଉଛି। ଏହିମର୍ମରେ ରାଜ୍ୟ ସରକାର ଏବଂ ଜବରଦଖଲକାରୀଙ୍କ ବିରୋଧରେ ସ୍ଥାନୀୟ ବାସିନ୍ଦା ଚନ୍ଦ୍ରଶେଖର ରାୟ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଅଭିଯୋଗ କରିଛନ୍ତି। ଏନେଇ ଏନ୍‌ଜିଟିରେ ୩୧/୨୦୨୩/ଇଜେଡ୍ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏନ୍‌ଜିଟିର ଜଷ୍ଟିସ ବି.ଅମିତ୍ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ପ୍ରଫେସର ଏ. ସେନ୍ଥିଲ ୨୨।୩।୨୦୨୩ରେ ଉକ୍ତ ମାମଲାର ଶୁଣାଣି କରି ସମସ୍ତ ଜବାବଦାତାଙ୍କୁ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉକ୍ତ ଜଳାଶୟ କିସମ ଜମିରେ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ଏବଂ ଯାଜପୁର ଜିଲାପାଳ ଏହାର ଅନୁପାଳନ କରିବାକୁ ଶୁଣାଣିରେ ଦର୍ଶାଯାଇଛି।

ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ଜିଲାରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପୋଖରୀ ଥିଲା ବୋଲି ଜନଶ୍ରୁତି ରହିଛି। କିନ୍ତୁ ଏବେ ୨,୩୮୯ଟି ପୋଖରୀ ରହିଥିବା ସରକାରୀ ଭାବେ କୁହାଯାଇଛି। ସେଥିମଧ୍ୟରୁ କୋରେଇ ବ୍ଲକରେ ସର୍ବାଧିକ ୮୨୮ଟି ରହିଥିବାବେଳେ ବଡ଼ଚଣା ବ୍ଲକରେ ୧୯୯, ବରୀରେ ୫୧, ବିଞ୍ଝାରପୁରରେ ୧୨୫, ଦାନଗଦିରେ ୨୦୫, ଦଶରଥପୁରରେ ୨୨୩, ଧର୍ମଶାଳାରେ ୨୦୫, ଯାଜପୁର ବ୍ଲକରେ ୧୨୧, ରସୁଲପୁରରେ ୧୮୭, ସୁକିନ୍ଦାରେ ୧୪୫ ଏବଂ ବ୍ୟାସନଗର ଓ ଯାଜପୁର ମ୍ୟୁନିସିପାଲିଟି ଅଞ୍ଚଳରେ ୧୦୦ ପୋଖରୀ ରହିଛି। ହେଲେ ଦ୍ରୁତ ଶିଳ୍ପାୟନ ସହ ସହରୀକରଣ ସହରର ଭୂଗୋଳକୁ ବଦଳାଇ ଦେଇଛି। ବର୍ଷାଜଳର ସଂରକ୍ଷଣ ସହ ସହର ବସତିକୁ ଅତିବୃଷ୍ଟିର କ୍ଷୟକ୍ଷତିରୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ଶହ ଶହ ବର୍ଷର ଯୋଜନାବଦ୍ଧ ଭାବରେ କରାଯାଇଥିବା ବନ୍ଧ, ପୋଖରୀଗୁଡ଼ିକ ହଜି ଯାଉଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ଜଳାଶୟଗୁଡ଼ିକୁ ସଂରକ୍ଷଣ ଓ ପ୍ରଦୂଷଣମୁକ୍ତ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ହେଉଛି। ହେଲେ ପ୍ରଶାସନିକସ୍ତରରେ ଆନ୍ତରିକତାର ଅଭାବ ଯୋଗୁ ସରକାରଙ୍କ ଏହି ଉଦ୍ଦେଶ୍ୟ ସଫଳ ହୋଇପାରୁନାହିଁ। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ପୋଖରୀ ପୋତିବାକୁ ଯୋଜନାବଦ୍ଧ ଭାବରେ ଷଡ଼ଯନ୍ତ୍ର କରୁଛନ୍ତି। ଏଥିରେ ମୋଟା ଅଙ୍କର ହାତଗୁଞ୍ଜା ନେଇ ସରକାରୀ ଅଧିକାରୀ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହି କ୍ରମରେ ଯାଜପୁର ସହରର ଉକ୍ତ ପୋଖରୀ ପୋତାଯିବାକୁ ନେଇ ମାମଲା ଏନ୍‌ଜିଟିରେ ପହଞ୍ଚିଛି। ଅଭିଯୋଗ ଅନୁସାରେ ରେଭିନ୍ୟୁ ରେକର୍ଡରେ ଏହି ଜମି ଜଳାଶୟ କିସମ। ଏଥିପାଇଁ ୧୨।୪।୨୦୨୧ ଏବଂ ୧୨।୫।୨୦୨୧ରେ ଯାଜପୁର ସ୍ପେଶାଲ ପ୍ଲାନିଂ ଅଥରିଟି ଓ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଉକ୍ତ ଜଳାଶୟ କିସମ ଜମିରେ ନିର୍ମାଣ ବନ୍ଦ କରିବାକୁ ଜବରଦଖଲକାରୀଙ୍କୁ ନୋଟିସ ଦେଇଥିଲେ। କିନ୍ତୁ ଉକ୍ତ ନୋଟିସର ପ୍ରାୟ ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ସରକାରୀସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏଭଳି ସ୍ଥିତିରେ ଜବରଦଖଲକାରୀ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଛନ୍ତି। ଅଧିକାରୀଙ୍କ ଉକ୍ତ ନିର୍ଦ୍ଦେଶନାମା କେବଳ ବଳ କଷିବାକୁ ପ୍ରଯୁଜ୍ୟ ଥିଲା ବୋଲି ସନ୍ଦେହ କରାଯାଇଛି। ତେଣୁ ଏହି ସମ୍ବେଦନଶୀଳ ମାମଲାକୁ ଏନ୍‌ଜିଟି ଗ୍ରହଣ କରି ସମ୍ପୃକ୍ତ ଅଧିକାରୀ, ଜବରଦଖଲକାରୀ ଏବଂ ରାଜ୍ୟ ସରକାରଙ୍କ ନୋଟିସ ଜାରି ହୋଇଛି। ଜିଲାରେ ଏଭଳି ଶତାଧିକ ଜଳାଶୟ କିସମ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବାବେଳେ ସରକାରୀ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି।



ଜଳାଶୟ ଜମିରେ ନିର୍ମାଣ ହୋଇଥିବା ଶପିଂ ମଲ୍।

## ଧର୍ମଶାଳା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

### ସଭାପତି ରମେଶ, ସମ୍ପାଦକ କେଦାରେଶ୍ୱର

ଧର୍ମଶାଳା,୨୬।୩(ଡି.ଏନ.ଏ.)

ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍ କଟକଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ତହସିଲ କାର୍ଯ୍ୟାଳୟଠାରେ ଥିବା ବାର୍ କାଉନସିଲ ଗୃହରେ ଅନୁଷ୍ଠିତ ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ନିଶିକାନ୍ତ ଶତପଥୀ ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ୨୦୨୩/୨୪ ବର୍ଷ ପାଇଁ ସଭାପତି ଭାବେ ରମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ଭାବେ ଅଜିତ କୁମାର ରାଉତ, ସମ୍ପାଦକ ଭାବେ କେଦାରେଶ୍ୱର ଦାଶ, ଯୁଗ୍ମସମ୍ପାଦକ ଭାବେ ସୋମନାଥ ସାହୁ, ସହସମ୍ପାଦକ କୈଳାସ ଚନ୍ଦ୍ର ପରିଡ଼ା, ପାଠାଗାର ସମ୍ପାଦକ ଭାବେ ଅଜୟ କୁମାର ଦାସ ଓ ପାଠାଗାର ସହସମ୍ପାଦକ ଭାବେ ସୁଧାଂଶୁ କୁମାର କର ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀକୁ ଶରତ ଚନ୍ଦ୍ର ମହାନ୍ତି ଓ ସନ୍ତୋଷ କୁମାର ଦାଶଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଶରତ କୁମାର ତରାଇ, ଅର୍ଜୁନ ନାୟକ ଓ ବିଦ୍ୟାଧର ଲେଙ୍କାଙ୍କୁ ନିର୍ବାଚିତ କରାଯାଇଛି।

# ଗଣତନ୍ତ୍ରକୁ ହତ୍ୟା ପ୍ରତିବାଦରେ ସତ୍ୟାଗ୍ରହ


ଯାଜପୁର ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ବରୁଆଁ ଛକଠାରେ ସତ୍ୟାଗ୍ରହ କରାଯାଉଛି।

ଯାଜପୁର ସଦର, ୨୬।୩ (ଡି.ଏନ୍.ଏ.)

ଏମ୍‌ପି ପଦରୁ ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ ନିଷ୍ପତ୍ତିର ପ୍ରତିବାଦ କରି ଯାଜପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଗଦାଧର ଦାସଙ୍କ ନେତୃତ୍ୱରେ ବରୁଆଁ ଛକଠାରେ ମହାତ୍ମା ଗାନ୍ଧୀଙ୍କ ଫଟୋ ରଖି ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କଂଗ୍ରେସର ନେତା ଓ କର୍ମୀମାନେ କେନ୍ଦ୍ର ସରକାର ବିଭିନ୍ନ ଉପାୟରେ ଗଣତନ୍ତ୍ରକୁ ହତ୍ୟା କରୁଥିବା ଅଭିଯୋଗ କରିଥିଲେ। ପ୍ରଦେଶ କଂଗ୍ରେସ କମିଟିର ସଭ୍ୟ ସନ୍ତୋଷ ନନ୍ଦ, ବିଷ୍ଣୁ ଚରଣ ରାଉତ, ଦୁର୍ଯ୍ୟୋଧନ ବେହେରା, ରମେଶ ପତି, ଭାସ୍କର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା, ଅକ୍ଷୟ ଶତପଥୀ, ଅଲେଖ ପୃଷ୍ଟି, ଶେଖ ଅବଦୁଲ ହଲିମ୍, ସନ୍ତୋଷ ସାହୁ, ସଞ୍ଜୀବ ଦାସ, ଉତ୍କଳ ପାଣିଗ୍ରାହୀ, ବିନୋଦ ବିହାରୀ ଜେନା, ପ୍ରଶାନ୍ତ କୁମାର ପଥାଳ, ମନୋଜ ସାହୁ, ସୁବାସ ଜେନା, ସନ୍ତୋଷ ରାଉତ, ଅଲେଖ ଜେନା, ବୁଲା ଦାସ, ବିଜୟ ମହାପାତ୍ର, ଗଣେଶ ଜେନା, ହୃଷୀକେଶ ପତି, ନକୁଳ ସାହୁ, ଅବଦୁଲ ରୌଫ୍, ଜଗବନ୍ଧୁ ଜେନା, ପରିମଳ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

ସିଂହପୁର,(ଡି.ଏନ.ଏ.): ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟପଦ ରଦ୍ଦ ନିଷ୍ପତ୍ତି ପ୍ରତିବାଦରେ ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଜରି ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ରବିବାର ସତ୍ୟାଗ୍ରହ କରାଯାଇଛି। କଂଗ୍ରେସ ନେତା ଚନ୍ଦ୍ର ଶେଖର ଧଳଙ୍କ ତତ୍ତ୍ୱାବଧାନ ଓ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ତଥା ପିସିସି ସଭ୍ୟା କନକଲତା ମଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ସତ୍ୟାଗ୍ରହରେ କଂଗ୍ରେସ ନେତା ପ୍ରବୋଧ ଦାସ, ଗଗନ ବିହାରୀ ମଲିକ, ଗିରିଧାରୀ ମଲିକ, ସୁଦର୍ଶନ ମଲିକ, ଜଳଧର ଜେନା, କଳ୍ପତରୁ ମଲିକ, ସୁବାଷ ମଲିକ, ବାପି ଜେନା, ଧନେଶ୍ୱର ସମଲ, ନରହରି ମଲିକ, ଶରତ ମଲିକ, ବେନୁ ମଲିକ, ସିଦ୍ଧୁ ମଲିକ, ବସ' ଥାଟୋଇ, ପ୍ରମୋଦ ସାମଲ, ବିଦ୍ୟାଧର ମଲିକ, ସୁଦାମ ଚରଣ ସାମଲଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ଜିପିଓଙ୍କ ଆକାଉଣ୍ଟରେ ପଞ୍ଚାୟତ ଟଙ୍କା

### ବଡ଼ଚଣା ବ୍ଲକ୍ ଦୁର୍ନୀତିର ଖୋଲୁଛି ଗୁମର

ଚଣ୍ଡିଖୋଲ,୨୬।୩(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନରେ କାର୍ଯ୍ୟରତ ୨ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ) ନିଲମ୍ବିତ ହେବା ପରେ ଧୀରେଧୀରେ ବ୍ଲକରେ ହୋଇଥିବା ନାନା ଦୁର୍ନୀତିର ଗୁମର ଖୋଲିବାରେ ଲାଗିଛି। ଉକ୍ତ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅର୍ଥ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ (ଜିପିଓ)ଙ୍କ ଆକାଉଣ୍ଟରେ ଜମା ରହୁଛି ଓ ପଞ୍ଚାୟତରେ ତାହାକୁ ଖର୍ଚ୍ଚ କରାଯାଉଛି। ଏନେଇ କେତେଜଣ ପିଇଓ ବଡ଼ଚଣା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବନ୍ଧାଳ ପଞ୍ଚାୟତ କାର୍ଯ୍ୟାଳୟର ଫର୍ନିଚର କିଣିବା ପାଇଁ ୩୫,୨୬୪ ଟଙ୍କା ଜିପିଓଙ୍କ ଆକାଉଣ୍ଟକୁ ଯାଇଛି। ଏହି ଟଙ୍କାରେ ଚେୟାର କିଣାଯାଇଥିବାବେଳେ ତାହା ପଞ୍ଚାୟତ କାର୍ଯ୍ୟାଳୟକୁ ଆଜି ପର୍ଯ୍ୟନ୍ତ ଯାଇନାହିଁ। ସେହିପରି ସିସି ରୋଡ୍, ଖେଳ ପଡ଼ିଆ ଉନ୍ନତୀକରଣ ଓ ପୋଖରୀ ପୁନରୁଦ୍ଧାର ପାଇଁ ଆସିଥିବା ଟଙ୍କା ମଧ୍ୟ ଜିପିଓଙ୍କ ଆକାଉଣ୍ଟକୁ ଯାଇଛି। ପଞ୍ଚାୟତରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଥିବାବେଳେ ଟଙ୍କା ଜିପିଓଙ୍କ ନିଜ ଆକାଉଣ୍ଟକୁ କିପରି ଗଲା ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପିଇଓମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିପିଓ ଅମୀୟ କୁମାର ନାଥଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୩।୭।୨୦୧୮ରେ ପତ୍ର ସଂଖ୍ୟା ୧୩୨୨୦ରେ ସରକାର ନିର୍ଦ୍ଦେଶ ନାମା ଦେଇଛନ୍ତି, ବ୍ଲକ ସମ୍ପ୍ରସାରଣ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ଅଧିକାରୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକାଉଣ୍ଟ ପରିଚାଳନା କରିପାରିବେ। ନିଜ ନାମରେ ମଧ୍ୟ କାର୍ଯ୍ୟାଦେଶ ନେଇ କାର୍ଯ୍ୟ କରିପାରିବେ। ଯେତିକି ଟଙ୍କା ପଞ୍ଚାୟତକୁ ଆସିଛି ତା'ର ସୁବିନିଯୋଗ କରାଯାଇଛି ଏବଂ ବିଡିଓ ସେଥିରେ ଦସ୍ତଖତ କରିଛନ୍ତି। ଏହାସବୁ ୨୦୨୧/୨୨ ମସିହାର କାର୍ଯ୍ୟ। ଜଣେ ନିଲମ୍ବିତ ପିଇଓ ଅନ୍ୟମାନଙ୍କୁ ମିଥ୍ୟା କଥା କହି ଏଭଳି କରୁଛନ୍ତି। ଏଥିରେ କୌଣସି ସତ୍ୟତା ନାହିଁ। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ସେଭଳି କୌଣସି ଅଭିଯୋଗ ତାଙ୍କ ନିକଟକୁ ଆସିନାହିଁ।

## ମନ୍ କି ବାତ୍‌ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

କୋରେଇ,୨୬।୩(ଡି.ଏନ.ଏ.)

କୋରେଇ ଭାଜପା ପକ୍ଷରୁ ବରୁଣ୍ଡେଇ କଲ୍ୟାଣୀ ମଣ୍ଡପଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯୯ତମ ମନକି ବାତ୍ କାର୍ଯ୍ୟକ୍ରମର ପ୍ରସାରଣ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେଇ କୋରେଇର ଜନସାଧାରଣଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମନକି ବାତ୍ ଶୁଣି ସେ ନିଜକୁ ଧନ୍ୟ ମନେକରୁଥିବା କହିବା ସହିତ ଭାଜପା ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବର୍ଷିଥିଲେ। ହିନ୍ଦୁ ଧର୍ମର ରୀତିନୀତି ଅନୁଯାୟୀ ମଣିଷର ମୃତ୍ୟୁପରେ ଶରୀରକୁ ପୋଡ଼ି କିମ୍ବା ପୋତି ନଷ୍ଟ କରାଯାଏ। ହେଲେ ମୃତ୍ୟୁ ପରେ ମୃତ ବ୍ୟକ୍ତିଙ୍କ ଅଙ୍ଗ ଦାନ କଲେ ମହାପୁଣ୍ୟ ଅର୍ଜନ କରିବା ସହିତ ଅନ୍ୟ କାହାର ଜୀବନ ବଞ୍ଚିଥାଏ। ତେଣୁ ଅଙ୍ଗଦାନର ମହତ୍ତ୍ୱ ଲୋକେ ବୁଝିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କୋରେଇ ରାଜନୀତିର ସମୀକ୍ଷା କରିବା ସହିତ କୋରେଇର ୨୧୨ ବୁଥର ଜନସାଧାରଣଙ୍କ ନିକଟରେ ମନକି ବାତ୍ କାର୍ଯ୍ୟକ୍ରମ ଆଗାମୀ ଅଧ୍ୟାୟରେ ପହଞ୍ଚିବା ଦରକାର। ଏପରି ହେଲେ ଆଗାମୀ ନିର୍ବାଚନରେ କୋରେଇ ନିର୍ବାଚନମଣ୍ଡଳୀକୁ ଭାଜପା ଦଖଲ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଗୌତମ ରାୟ, ଏମ୍‌ପି ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକ, କୋରେଇ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ, ବରୁଣ୍ଡେଇ ପୂର୍ବତନ ସମିତିସଭ୍ୟ ଜୟନ୍ତୀ ସାହୁ, ତୁଳତୀ ପୂର୍ବତନ ସରପଞ୍ଚ ଦୀପ୍ତିମୟୀ କୁଅଁର ଓ ନାରୀନେତ୍ରୀ ଇତିଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।


ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

# ବିଦ୍ୟୁତ୍ ଦର ଅପରିବର୍ତ୍ତିତ ନିଷ୍ପତ୍ତିକୁ ସ୍ୱାଗତ

କଳିଙ୍ଗନଗର,୨୬।୩(ଡି.ଏନ.ଏ.)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଚଳିତ ବର୍ଷ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆୟୋଗର ସଚିବ ପ୍ରିୟବ୍ରତ ପଟ୍ଟନାୟକ ଉକ୍ତ ଘୋଷଣା କରିବା ସହିତ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ୧୦% ରିହାତି ମିଳିବ ବୋଲି କହିଛନ୍ତି। ସେହିପରି ଡିଜିଟାଲ ମାଧ୍ୟମରେ ବିଲ ପଇଠକାରୀକୁ ୪% ରିହାତି ମିଳିବ ବୋଲି ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତେଣୁ ଏପରି ଏକ ସଂକଟମୟ ପରିସ୍ଥିତିରେ ଆୟୋଗ ନିଷ୍ପତ୍ତି ଉପଭୋକ୍ତାଙ୍କୁ ଆଶ୍ୱସ୍ତ କରିଛି। ଏଭଳି ଏକ ନିଷ୍ପତ୍ତିକୁ ବିଭିନ୍ନ ସଂଗଠନ ସ୍ୱାଗତ କରିଛନ୍ତି। ତେବେ ଟାଟା ପାୱାର ପକ୍ଷରୁ ଆରମ୍ଭ ହୋଇଥିବା ଆତଙ୍କରାଜ ବନ୍ଦ ନ କଲେ ଆଗାମୀ ଦିନରେ ଗାଁଠାରୁ ସହର ପର୍ଯ୍ୟନ୍ତ ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ ବ୍ୟାସନଗର ବଣିକ ସଂଘ, ଯାଜପୁର ରୋଡ୍ ସିଭିଲ ସୋସାଇଟି ଓ ଉପଭୋକ୍ତା ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ବ୍ୟାସନଗର ବଣିକସଂଘ ଓ ଯାଜପୁର ରୋଡ୍ ସିଭିଲ୍ ସୋସାଇଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତା ୨ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ହସ୍ତାନ୍ତର କରିବା ପରେ ଦୁଇ ଦୁଇଥର ଶୁଳ୍କ ବୃଦ୍ଧି କରିଥିଲେ ମଧ୍ୟ ଚଳିତବର୍ଷ ପୁନର୍ବାର ଟାଟା ପାୱାର ଆୟୋଗଙ୍କଠାରେ ଶୁଳ୍କ ବୃଦ୍ଧି ପ୍ରସ୍ତାବ ରଖିଥିଲା। ନିୟାମକ ଆୟୋଗ ପକ୍ଷରୁ ପୃଥକ୍ ଭାବେ ବାଲେଶ୍ୱର, ଢେଙ୍କାନାଳ, ପାରଳାଖେମୁଣ୍ଡି ଓ ବୁର୍ଲାଠାରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ଜନଶୁଣାଣି ଆୟୋଜିତ କରାଯାଇଥିଲା। ଏଥିସହିତ ଗତ ୧୫ ତାରିଖରେ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କମିଶନ ଉପଦେଷ୍ଟାମଣ୍ଡଳୀ ସଭ୍ୟ ଓ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଣାଣି ହୋଇଥିଲା।

- ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କଲେ ବିରୋଧ କରାଯିବ

୪ଟି ଡିସ୍କମ ଜରିଆରେ ପୃଥକ୍ ଭାବେ ହୋଇଥିବା ଜନଶୁଣାଣିରେ ବ୍ୟାସନଗର ବଣିକ ସଂଘ ଓ ଯାଜପୁର ରୋଡ ସିଭିଲ ସୋସାଇଟି ପକ୍ଷରୁ ସତ୍ୟପାଠ ଦିଆଯାଇଥିଲା। ସତ୍ୟପାଠରେ ଉପଭୋକ୍ତାଙ୍କ ଅଧିକାର ଏବଂ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇଦେବାରେ ଟାଟା ପାୱାରର ବିଫଳତା ଓ ଗ୍ରାହକଙ୍କ ଉପରେ ହୋଇଥିବା ଜୋରଜୁଲମ ବିଶେଷକରି ବିଦ୍ୟୁତ୍ କାଟ ଏବଂ ଲୋ-ଭୋଲଟେଜ୍ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ଅଭିଯୋଗକାରୀ ଭାବେ ବିଦ୍ୟୁତ ନିୟାମକ ଆୟୋଗର ସଭ୍ୟ ବିଦ୍ୟାଧର ମହାନ୍ତି, ଯାଜପୁର ରୋଡ ସିଭିଲ ସୋସାଇଟିର ଆବାହକ ବିବେକାନନ୍ଦ ମହାନ୍ତି, ବ୍ୟାସନଗର ବଣିକ ସଂଘ ସଭାପତି ରାଜେନ୍ଦ୍ର ସାମଲ, ସମ୍ପାଦକ ଅଶିତାନନ୍ଦ ବିଶ୍ୱାଳ ଓ ସାମ୍ବାଦିକ ଅଭିମନ୍ୟୁ ମିଶ୍ର ପ୍ରମୁଖ ନିଜ ପକ୍ଷ ରଖିଥିଲେ।

## ସଂକ୍ଷେପରେ

### ମହିଳା ନକଲି ସାର୍ଟିଫିକେଟ୍ ଦାଖଲ କରି ଧରାପଡ଼ିଲେ

କେନ୍ଦ୍ରାପଡ଼ା ଅଫିସ, ୨୬।୩: କେନ୍ଦ୍ରାପଡ଼ା ଡାକ ଡିଭିଜନ ଅଧୀନରେ ଡାକସେବକ ପଦ ପାଇଁ ନକଲି ସାର୍ଟିଫିକେଟ୍‌ରେ ଆବେଦନ କରିଥିବା ମହିଳା ଧରାପଡ଼ିଛନ୍ତି। ଏ ନେଇ ଡାକ ବିଭାଗ ପକ୍ଷରୁ ଅଭିଯୋଗ ପରେ କେନ୍ଦ୍ରାପଡ଼ା ଟାଉନ ଥାନାରେ ନଂ.୧୦୧/୨୩ରେ ମାମଲା ରୁଜୁ କରାଯାଇଛି। ଏହି ମହିଳା ହେଉଛନ୍ତି ଭଦ୍ରକ ଜିଲା ଲୁଣିଆ ଗ୍ରାମର ଅନୀତା ଜେନା। କେନ୍ଦ୍ରାପଡ଼ାରେ ବିବାହ କରିଛନ୍ତି। ଗତ ୨୭ ତାରିଖରେ କେନ୍ଦ୍ରାପଡ଼ା ଡାକ ଡିଭିଜନର ଗ୍ରାମୀଣ ଡାକ ସେବକ ପାଇଁ ବିଜ୍ଞାପନ ବାହାରିଥିଲା। ଏହି ପଦ ଲାଗି ଅନୀତା ନିଜର ଶିକ୍ଷାଗତ ପ୍ରମାଣପତ୍ର ଗତ ୨୧ ତାରିଖରେ ଦାଖଲ କରିଥିଲେ। ଉତ୍ତରପ୍ରଦେଶ ଆଦର୍ଶ ଆରିଆ ଏସ୍ଏସ୍ ଏଚ୍ଏସ୍ଏସ୍ ତରୁଲୀ ହାର୍ଡୋଇ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ୍ ପାସ୍ ପ୍ରମାଣପତ୍ରରେ ମୋଟ ୬୦୦ ନମ୍ବରରୁ ୫୭୭ ରଖିଥିବା ମାର୍କଲିଷ୍ଟରେ ଦେଖିବାକୁ ମିଳିଥିଲା, ଯାହା ଡାକ ବିଭାଗର ସନ୍ଦେହକୁ ଆସିଥିଲା। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ଅନୀତା ସାର୍ଟିଫିକେଟ୍ ନକଲି ଥିବା ସୂଚନା ଦେଇଥିଲେ। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରେ ମାମଲା ପଞ୍ଜୀକୃତ ପରେ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ସେ କହିଛନ୍ତି।

### ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଯୁବକ ଗିରଫ

ବାହାନଗା, ୨୬।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକର ଦୁଇଟି ଗ୍ରାମର ଦୁଇ ନାବାଳିକାଙ୍କୁ ଅପହରଣ ହୋଇଥିବା ଦୁଇଟି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଗୋପାଳପୁର ଥାନାରେ ଏକ ମାମଲା(ନଂ.୩୨/୨୩) ରୁଜୁ କରାଯାଇଛି। ସେହିପରି ସୋର ଥାନାରେ ଏକ ମାମଲା(ନଂ. ୧୬୭/୨୩) ରୁଜୁ କରାଯାଇଥିଲା। ଗୋପାଳପୁର ଥାନା ଅଧୀନ ବରିପଦା ପଞ୍ଚାୟତର ମହାରୁଦ୍ରପୁର ଗ୍ରାମର ଦେବାଶିଷ ପଣ୍ଡା ଗୋପାଳପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପଥରପେଣ୍ଠ ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। କାଣ୍ଡଗରିଡି ଅଞ୍ଚଳର ସାଗରରଞ୍ଜନ ଗିରି ମୋଟର ସାଇକେଲ ଯୋଗେ ନାବାଳିକାଙ୍କୁ ନେଇ ପଳାଇଥିବା ଅଭିଯୋଗ ହୋଇଥିଲା।

### ଟୋଲଗେଟ୍ ବୁମ୍ ଭାଙ୍ଗି ପଳାଇଲା କଣ୍ଟେନର

ପାଟଣା,୨୬।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା କ୍ଷୀରେଇ ଟାଙ୍ଗିରି ଟୋଲଗେଟ୍ ବୁମ୍ ଭାଙ୍ଗି ଏକ କଣ୍ଟେନର ପଳାଇଛି। ଏନେଇ ଟୋଲ ଗେଟ୍ କମ୍ପାନୀ ଠିକାଦାର ଶଶିକାନ୍ତ ଜେନା ତୁରୁମୁଙ୍ଗା ଥାନାରେ ଏତଲା ଦେଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ସ୍ଥାନୀୟ ୧୬ ଜଣରୁ ଊର୍ଦ୍ଧ୍ୱ ଲୋକେ ଅଟକାଇଥିଲେ। ଗୋରୁଙ୍କୁ ନେଇ ମୟୂରଭଞ୍ଜ ଜିଲା କରଞ୍ଜିଆ ଗୋଶାଳାରେ ଛାଡ଼ି ଦେବାକୁ କହିଥିଲେ। ଏନେଇ କଣ୍ଟେନରରେ ଥିବା ୫ ଗୋରୁ ବେପାରୀଙ୍କ ସହ ତାଙ୍କର ମାର୍‌ପିଟ ହୋଇଥିଲା। ପରେ ଉକ୍ତ କଣ୍ଟେନର ଟୋଲ ଗେଟ୍‌ର ବୁମ୍ ଭାଙ୍ଗି ପଳାଇ ଯାଇଥିଲା। ଟୋଲ ଗେଟ୍ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

# ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ରବିବାର ମିଳିଲାନି

## ସିଟି ହସ୍ପିଟାଲ ସ୍ଥାପନ ଗଣବିକ୍ଷୋଭ ପ୍ରସଙ୍ଗ

କେନ୍ଦ୍ରାପଡ଼ା ଅଫିସ, ୨୬।୩

କେନ୍ଦ୍ରାପଡ଼ା ଜିଲାର ବିବିଧ ବିକାଶ ସମ୍ପର୍କରେ କେବଳ ପ୍ରତିଶ୍ରୁତି ମିଳୁଛି। ଆର୍ଥିକ ବିକାଶ ପାଇଁ ଶିଳ୍ପ, ବନ୍ଦର, ପାୱାର ପ୍ଲାଣ୍ଟ ଆଦି ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ତାହା କାର୍ଯ୍ୟକାରୀ ହୋଇ ନ ଥିବାବେଳେ ସହରବାସୀଙ୍କ ସ୍ୱାସ୍ଥ୍ୟସେବା ପରି ସ୍ପର୍ଶକାତର ସ୍ୱାର୍ଥକୁ ନେଇ ପ୍ରଶାସନିକ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି ପାଳନ କରାଯାଇନାହିଁ। ଆଗାମୀଦିନରେ ପ୍ରଶାସକ ଓ ଶାସକ ଦଳର ନେତାଙ୍କ ପାଇଁ ସମସ୍ୟା ଅଧିକ ସୃଷ୍ଟି କରିବ ବୋଲି ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ଏ ସମ୍ପର୍କରେ କମିଟି କର୍ମକର୍ତ୍ତା ଗୟାଧର ଧଳ, ଫକୀର ଚରଣ ଖଟୁଆ, ଡିଫଜୁର ରହେମାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଖଡିଅଙ୍ଗସ୍ଥ ପୁରୁଣା ଭିତ୍ତିଭୂମିରୁ ଜାନୁୟାରୀ ମାସରେ ଶାମଗୁଡ଼ିଆସ୍ଥିତ ନୂଆ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛି। ଏହି ପୁରୁଣା ଭିତ୍ତିଭୂମି ସହରର ମଧ୍ୟସ୍ଥଳରେ ଥିବାବେଳେ ନୂତନ ସ୍ଥାନଟି ସହରର ଗୋଟିଏ ମୁଣ୍ଡରୁ ପ୍ରାୟ ୧୦ କିଲୋମିଟର ଦୂର। ଫଳରେ ସହର ଓ ଆଖପାଖ ୮ ପଞ୍ଚାୟତବାସୀଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ସ୍ଥାପନ ଦ୍ୱାରା ଲକ୍ଷାଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ମିଳିପାରିବ ବୋଲି ସହରବାସୀ ଗଣବିକ୍ଷୋଭ କରିଥିଲେ। ଏହାକୁ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ସିଟି ହସ୍ପିଟାଲ ସ୍ଥାପନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇନାହିଁ। ଗତ ୧୮ ତାରିଖ ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ୨୬ ତାରିଖଠାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପାଇଁ ୩ ଜଣ ଡାକ୍ତର ଯୋଗାଇ ଦେବାକୁ ପ୍ରତିଶ୍ରୁତି ପରେ ସାମୟିକ ଭାବେ କମିଟି ପକ୍ଷରୁ ଗଣବିକ୍ଷୋଭକୁ ସ୍ଥଗିତ ରଖାଯାଇଥିଲା। ତେବେ ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ରବିବାର ପାଳନ କରାଯାଇନାହିଁ। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବପରି ସକାଳ ସମୟରେ ୨ ଘଣ୍ଟା ରୋଗୀ ଦେଖିବା ପରେ ସ୍ୱାସ୍ଥ୍ୟସେବାକୁ ବନ୍ଦ କରାଯାଇଛି। ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବା ଦର୍ଶାଇ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଯିବ। ଉପଯୁକ୍ତ ସେବା ସହର ଓ ପଞ୍ଚାୟତବାସୀଙ୍କୁ ନ ମିଳିଲେ ଆନ୍ଦୋଳନ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଡାକ୍ତରଙ୍କ ସଂଖ୍ୟା ଏବେ କମ ରହିଛି। ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି।

# ଟ୍ରଲର ଜବତ, ୧୭ ମତ୍ସ୍ୟଜୀବୀ ଗିରଫ


ଜବତ ଟ୍ରଲର ସହ ଗିରଫ ହୋଇଥିବା ୧୭ ମତ୍ସ୍ୟଜୀବୀ।

ରାଜନଗର, ୨୬।୩ (ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୭ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ବିଚିତ୍ରାନନ୍ଦ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର ନବୀନ କୁମାର ମଳିକ, ସୁରେଶ ଚନ୍ଦ୍ର ପୃଷ୍ଟି, ଫରେଷ୍ଟ ଗାର୍ଡ ଦୋଳ ଗୋବିନ୍ଦ ନାୟକ ପ୍ରମୁଖ ବନ କର୍ମଚାରୀ ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବେଆଇନ ଭାବେ ମାଛ ମାରୁଥିବା ମା' ଜାହାଜୀ ମଙ୍ଗଳା-୨ ନାମକ ଟ୍ରଲରକୁ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୨୭, ୨୯, ୩୧, ୫୧ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଛି।

# ଜାତିଭିତ୍ତିକ ଗଣନା ବହୁ ସମସ୍ୟାର ସମାଧାନ କରିବ



ମହା ସମାବେଶରେ ଯୋଗଦେଇଥିବା ଅତିଥିମାନେ।

## କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସମାବେଶ

କେନ୍ଦ୍ରାପଡ଼ା ଅଫିସ, ୨୬।୩

କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭାର ସମାବେଶ ସହରର ଇଚ୍ଛାପୁରସ୍ଥ ରଥଦାଣ୍ଡରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଭାକର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଜାତିଭିତ୍ତିକ ଗଣନା ଦ୍ୱାରା ବହୁ ସମସ୍ୟାର ସମାଧାନ ହେବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ମୁଖ୍ୟଅତିଥି, ଉତ୍କଳ ଯାଦବ ମହାସଭା ସଭାପତି ଆଶୀର୍ବାଦ ବେହେରା ଉଦ୍‌ଘାଟକ, ମଧ୍ୟପ୍ରଦେଶ ସାଂସଦ ଡ. କ୍ରିଷ୍ଣପାଲ ସିଂ ଯାଦବ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା, ବ୍ରିଗେଡିୟର ପ୍ରଦୀପ ଯଦୁ, ଇଂ. ପ୍ରଦୀପ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ମଞ୍ଜୁ ଯଦୁ, ପୀତାମ୍ବର ଦାସ ସମାବେଶରେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ପଛୁଆବର୍ଗଙ୍କ ବିକାଶ ପାଇଁ ଜାତିଭିତ୍ତିକ ଜନଗଣନା ଜରୁରୀ ହୋଇଛି। ତେବେ ଏହା ୧୯୩୧ଠାରୁ ବନ୍ଦ ରହିଛି। ମଣ୍ଡଳ ଆୟୋଗ ସୁପାରିଶ ଆଧାରରରେ ପଛୁଆବର୍ଗଙ୍କ ପାଇଁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା ଆବଶ୍ୟକ। ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ବିରାଟ ପରିବର୍ତ୍ତନ ଆଣିବ। ସେହିପରି ଲଉଡି ଖେଳ ଓ ସିଂହାବାଦନ ଯାଦବ ସମ୍ପ୍ରଦାୟର ଲୋକପ୍ରିୟ ଉତ୍ସବ। ଏହାକୁ ଲୋକକଳାର ମାନ୍ୟତା ଦିଆଯିବା ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲାର ପ୍ରାୟ ସାଢ଼େ ୩ ଲକ୍ଷ ଯାଦବ ସମାଜର ଲୋକଙ୍କ ସମସ୍ୟା ଗୁରୁତର ହୋଇଥିବା ଏଠାରେ ଅତିଥିମାନେ ଦର୍ଶାଇଥିଲେ। ଏହି ଅବସରରେ ଜିଲା କାର୍ଯ୍ୟାଳୟ ପାଇଁ ବିଧାୟକ ବେହେରା ଜମି ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ସମ୍ପାଦକ ଚିନ୍ମୟ କୁମାର ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନାରାୟଣ ପ୍ରସାଦ ଦାସ, ଗୀତ ଦାସ, ଚୌଧୁରୀ ରମାକାନ୍ତ ଦାସ, ରଞ୍ଜିତ ଦାସ, ମନୋଜ ଦାସ, ଲୋକନାଥ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସମାବେଶରେ ୧୦ହଜାରରୁ ଊର୍ଦ୍ଧ୍ୱ ଯାଦବ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

# ଶବଦାହ କରିବାକୁ ଯାଇ ପାଲଟିଗଲେ ଶବ

ରୂପସା, ୨୬।୩(ଡି.ଏନ.ଏ.)

ଶବଦାହ କରିବାକୁ ଯାଇଥିବା ଜଣେ ଯୁବକ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଞ୍ଚଳରେ। ମୃତ ଯୁବକ ହେଲେ କସିପଦା ପଞ୍ଚାୟତ ଅଧୀନ ହାତିଆଡ଼ିହା ଗ୍ରାମର ଶ୍ରୀକାନ୍ତ ବେହେରା (୪୮)। ସେ ଶନିବାର ଅପରାହ୍ନରେ ଗ୍ରାମର ଜଣେ ବୃଦ୍ଧାଙ୍କ ଶବଦାହ କରିବାକୁ ସ୍ଥାନୀୟ ଶ୍ମଶାନକୁ ଯାଇଥିଲେ। ଶବଦାହ ସାରି ମିରିଗିମୁଣ୍ଡି ଗାଁ ନିକଟ ପୋଖରୀରେ ଗାଧୋଇବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ସହ ପୋଲିସ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଯୁବକଙ୍କ ସ୍ତ୍ରୀ ଓ ୩ପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

# ଆଇଟମ୍ ଡ୍ୟାନ୍ସ ଅଶ୍ଳୀଳତାକୁ ନେଇ ବିରୋଧ


ଆଇଟମ୍ ଡ୍ୟାନ୍ସକୁ ଯାତ୍ରା ପାର୍ଟିର କଳାକାରମାନେ ବିରୋଧ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୨୬।୩ (ସ୍ୱ.ପ୍ର.)

ଯାତ୍ରାର ଆକର୍ଷଣ କ'ଣ, ଯେଉଁଥିପାଇଁ ଶହ ଶହ ଲୋକ ରାତି ଅନିଦ୍ରା ହେଉଛନ୍ତି। ହସକାନ୍ଦଭରା ନାଟକ, ଚମତ୍କାର ଅଭିନୟ, ନା ଯାତ୍ରା ପୂର୍ବରୁ ଆରମ୍ଭ ହେଉଥିବା ରେକର୍ଡ ଡ୍ୟାନ୍ସ ନା ଆଖି ଝଲସିଆ ଲାଇଟରେ ଆଖି ବନ୍ଦ ହେଇଗଲା ଭଳି ଅଶ୍ଳୀଳତା। ତେବେ ଯାତ୍ରାରେ ଖାସ୍ ଏହି ଅଶ୍ଳୀଳ ଡ୍ୟାନ୍ସ ଦେଖିବାକୁ ଭିଡ଼ ହେଉଥିବା ଯାତ୍ରା କମିଟି ଅନୁଭବ କରୁଥିବା ବେଳେ ଏହାକୁ ନେଇ ପ୍ରମୁଖ କଳାକାର ଏବେ ନିଜକୁ କୋଣଠେସା ମନେକଲେଣି, ଯାହାକୁ ନେଇ ଯାତ୍ରା ପେଣ୍ଡାଲରେ ଆଇଟମ ଡ୍ୟାନ୍ସକୁ ବିରୋଧ କରି ଯାତ୍ରା କଳାକାର ଓ କମିଟି ମଧ୍ୟରେ ବିବାଦ ଦେଖାଦେଇଛି। ଯାତ୍ରା କଳାକାର ତାଙ୍କ ଜିଦ୍‌ରେ ଅଟଳ ରହିବା ଦେଖି କମିଟି ପକ୍ଷରୁ ଆଇଟମ ଡ୍ୟାନ୍ସ ବନ୍ଦ କରାଗଲା ପରେ କଳାକାରମାନେ ନିଜ ନିଜର ଅଭିନୟ କରିଥିଲେ। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ବଡ଼ମୂଳବସନ୍ତ ଯାତ୍ରା ପେଣ୍ଡାଲରେ। ଶନିବାର ଦ୍ୱିତୀୟ ରଜନୀରେ ଯାତ୍ରା କମିଟି ପକ୍ଷରୁ ନିଶା ମହାରଣାଙ୍କୁ ଆଇଟମ ଡ୍ୟାନ୍ସ ପାଇଁ ଅଗ୍ରିମ ଦିଆଯାଇଥିଲା। ମାତ୍ର ଯାତ୍ରା କଳାକାରମାନେ ଏହା ଜାଣି କମିଟିର ସଦସ୍ୟମାନଙ୍କୁ ବାରଣ କରିଥିଲେ। ଏଥିନେଇ କମିଟି ସଦସ୍ୟ ଓ କଳାକାରମାନଙ୍କ ମଧ୍ୟରେ ବିତର୍କ ହୋଇଥିଲା। କଳାକାରମାନେ ଅଶ୍ଳୀଳ ଆଇଟମ ଡ୍ୟାନ୍ସକୁ ବିରୋଧ କରି ପେଣ୍ଡାଲକୁ ନ ଉଠିବା ଲାଗି ଜିଦ୍ ଧରି ରହିଥିଲେ। ପରେ ଯାତ୍ରା କମିଟି ପକ୍ଷରୁ ନିଶାଙ୍କ ଆଇଟମ ଡ୍ୟାନ୍ସକୁ ପ୍ରତ୍ୟାଖ୍ୟାନ କରାଯିବାରୁ କଳାକାରମାନେ ସେମାନଙ୍କ ଅଭିନୟ କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରୁ କଳାକାରମାନଙ୍କୁ ସ୍ୱାଗତ କରାଯାଇଛି।

# ଆଜିଠାରୁ ବାସନ୍ତିକ ଦୁର୍ଗାପୂଜା

ଡେରାବିଶ, ୨୬।୩ (ସ୍ୱ.ପ୍ର.)



## ଚାଟରାଚକଡ଼ା ମା' ବାସନ୍ତୀଙ୍କ ପୀଠ

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ଠାରେ ଥିବା ମା' ବାସନ୍ତୀଙ୍କ ପୀଠରେ ଚୈତ୍ରମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବାସନ୍ତିକ ଦୁର୍ଗାପୂଜା ସୋମବାର ଆରମ୍ଭ ହେବ। ୫ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ପୂଜା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେନ୍ଦ୍ରାପଡ଼ା ଜିଲାରେ ପ୍ରସିଦ୍ଧି ଲାଭ କରିଥିବା ଏହି ପୀଠର ଅଲୌକିକତାକୁ ନେଇ ଶ୍ରଦ୍ଧାଳୁମାନେ ସେମାନଙ୍କ ମାନସିକ ପୂରଣ ପାଇଁ ସେଠାରେ ପୂଜାର୍ଚ୍ଚନା କରିଥାନ୍ତି। ବୁଧବାର ପବିତ୍ର ଅଷ୍ଟମୀ ତିଥିରେ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେବେ ପ୍ରାଚୀନ ଜନଶ୍ରୁତି ଅନୁଯାୟୀ ମୟୂରଭଞ୍ଜରେ ଅବସ୍ଥାନ କରୁଥିବା ଚାଟରା ଗାଁର ହରିହର ମହାନ୍ତି ନିଜ ଗ୍ରାମକୁ ଆସିଥିବା ସମୟରେ ମା' ବାସନ୍ତୀ ଦୁର୍ଗା ତାଙ୍କ ସହ ଆସିଥିଲେ। ଏ ବିଷୟରେ ହରିହର ଜାଣି ନ ଥିଲେ ମଧ୍ୟ ଗ୍ରାମର ଜଣେ ଶ୍ୟାମସୁନ୍ଦର ମହାନ୍ତି ନାମକ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମା'ଙ୍କର ସ୍ୱପ୍ନାଦେଶ ପରେ ଚୈତ୍ର ମାସରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଅଛି ବୋଲି କମିଟିର ସଭାପତି ରମେଶ ଚନ୍ଦ୍ର ଦାସ କହିଛନ୍ତି। ଘନ ଜଙ୍ଗଲ ପୂର୍ଣ୍ଣଥିବା ଏହି ପୀଠରେ ରହିଥିବା ବରଗଛ କୋରଡରେ ଥିବା ଏକ ବାଘ ନିକଟରେ ଏହି ଅଞ୍ଚଳବାସୀ ନିଜର ମନୋସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କଲେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏପରିକି ଏହି ଅଞ୍ଚଳର ବିଭିନ୍ନ ପର୍ବପର୍ବାଣିରେ ବାଘକୁ ନିମନ୍ତ୍ରଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ବାଘଯାଇ ନିମନ୍ତ୍ରଣ ରକ୍ଷା କରୁଥିବା ଏବେ ବି ଜନଶ୍ରୁତିରେ ରହିଛି ବୋଲି କମିଟିର କୋଷାଧ୍ୟକ୍ଷ ଅରଜିତ ମିଶ୍ର କହିଛନ୍ତି। ଭକ୍ତି ଓ ବିଶ୍ୱାସର ପ୍ରତୀକ ଏହି ପୀଠରେ ଦୁର୍ଗାପୂଜା ଗୁରୁବାର ଦଶମୀ ତିଥିରେ ଉଦ୍‌ଯାପିତ ହେବ। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଓ ଅପେରା ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କମିଟିର ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

# ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ପଦ୍ମପୁର, ୨୬।୩ (ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ଶେରପୁର ଗ୍ରାମର ଜଣେ ମହିଳା ଭତ୍ତା ଟଙ୍କା ନେଇ ଶନିବାର କେଦାରପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଫେରୁଥିବା ବେଳେ କୁଣ୍ଡିପୋଲଠାରେ କେତେଜଣ ଯୁବକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଛନ୍ତି। ଆକ୍ରମଣର ଶିକାର ମହିଳା ହେଲେ ତୁଳସୀ ଜେନା। ତାଙ୍କ ସ୍ୱାମୀ ଗଗନ ଏହାକୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାଡ଼ ମାରିଛନ୍ତି। ସାବରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୨/୨୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ଜୀବନ ମଳିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ମହୋତ୍ସବ ସମ୍ପର୍କ ଯୋଡ଼ିବାର ମାଧ୍ୟମ

ମାର୍ଶାଘାଇ, ୨୬।୩ (ଡି.ଏନ.ଏ.)

ମହୋତ୍ସବ ଦ୍ୱାରା ଭାଇଚାରା ସୁଦୃଢ଼ ହେବା ସହ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଯୋଡିଥାଏ। ଏହାଦ୍ୱାରା ଗ୍ରାମ୍ୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପ୍ରତିଭାର ମିଳନ ଘଟିଥାଏ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପୋତାରିଠାରେ ଆୟୋଜିତ ୮ମ ବାର୍ଷିକ ପାଇକା ମହୋତ୍ସବର ଉଦଘାଟନୀ ସମାବେଶରେ ବକ୍ତାମାନେ ଏହା ପ୍ରକାଶ କରିଛନ୍ତି। ମହୋତ୍ସବ କମିଟିର ସଭାପତି ଜିଲା ପରିଷଦ ସଭ୍ୟ ପ୍ରତାପ ମଳିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ଦୁର୍ଗାବତୀ ପ୍ରଧାନ, ବେରୁହାଁ ସରପଞ୍ଚ ବାବାଜୀ ସ୍ୱାଇଁ ଯୋଗଦେଇ ମହୋତ୍ସବ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥଲେ। ସାମାଜିକ କର୍ମୀ ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୂର୍ଯ୍ୟକାନ୍ତ ନାଥ ସହଯୋଗ କରିଥିଲେ। ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ପଡ଼ିଆରେ ପିଲାମାନଙ୍କ ପାଇଁ ମିକି ମାଉସ ଓ ଟ୍ରୟ ଟ୍ରେନ, ଫାଷ୍ଟ ଫୁଡ, ଘରକରଣା ଜିନିଷ, ମନୋହରି ଦୋକାନ ଆଦି ଲାଗିଥିବା ବେଳେ ପ୍ରଥମ ସନ୍ଧ୍ୟାରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ଲୋକମାନଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା। ଫ୍ରେଣ୍ଡସ ୟୁଥ କ୍ଲବର ସମସ୍ତ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ରାଜନଗର, ୨୬।୩ (ଡି.ଏନ.ଏ.)

ରାଜନଗର ବ୍ଲକ ବେଲପାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନବଘନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଆମେ ଯଦି ସାଧାରଣ ମାନବୀୟ ସ୍ତରର ଊର୍ଦ୍ଧ୍ୱକୁ ଉଠିବା ତେବେ ଈଶ୍ୱରଙ୍କ ଦିବ୍ୟ ଶକ୍ତିଙ୍କୁ ଯେକୌଣସି ମଣିଷ ଦର୍ଶନ କରିବାରେ ଟିକିଏ ହେଲେ ବି ସନ୍ଦେହ ନାହିଁ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ଖବରଦାତା ଭାସ୍କର ରାଉତରାୟ, ସମ୍ମାନୀୟ ଅତିଥି ଭାବେ ଆତ୍ମାର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ନରେନ୍ଦ୍ର କୁମାର ସ୍ୱାଇଁ, ଓସ୍ତିଆ ସରପଞ୍ଚ ବୈଦେହୀ ଦାସ, ସାମାଜିକ କର୍ମୀ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ମହାନ ଯୋଗୀ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଅରବିନ୍ଦଙ୍କ ନୀତି ଆଦର୍ଶ ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ସରୋଜ କୁମାର ସ୍ୱାଇଁ ସଭାକୁ ସଂଯୋଜନା କରିଥିଲେ। ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧୀର ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁମା କଲ୍ୟାଣୀ ସ୍ୱାଇଁ, ପ୍ରୀତି ତରଙ୍ଗିଣୀ ସ୍ୱାଇଁ, ବିଦୁରାଣୀ ସ୍ୱାଇଁ ପ୍ରମୁଖ ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଧାୟକ ସାହୁ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଡାଙ୍ଗମାଳ ପ୍ରିମିୟର ଲିଗ୍: ୮ ଟିମ୍ ମଧ୍ୟରେ ମ୍ୟାଚ୍

ରାଜନଗର, ୨୬।୩ (ଡି.ଏନ.ଏ.)

ଆଇପିଏଲ ଶୈଳୀରେ ଭିତରକନିକା ପ୍ରବେଶ ପଥରେ ଡାଙ୍ଗମାଳ ପ୍ରିମିୟର ଲିଗ୍ ଚାଲିଛି। ରବିବାର ଗୋଟିଏ ଦିନରେ ୮ଟି ଦଳ ଭାଗନେଇ ୪ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଆକାଶ ଇଲେଭେନଷ୍ଟାର ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୨୯ ରନ କରିଥିଲା। ଜବାବରେ ଏମ୍‌ପି ୱାରିୟର୍ସ ସମସ୍ତ ଉଇକେଟ ହରାଇ ୧୦୦ ରନ କରି ପରାସ୍ତ ହୋଇଥିଲା। ଆକାଶ 4 ଇଲେଭେନଷ୍ଟାରର ନିର୍ମଳ ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ବ୍ଲାକ ପାନ୍ଥର ନିର୍ଦ୍ଧାରିତ ଓଭରରେ ୧୫୮ରନ ସଂଗ୍ରହ କରିଥିଲା। ଜବାବରେ ଖୁସି ଇଲେଭେନ ୧୩୯ରନ କରି ପରାସ୍ତ ହୋଇଥିଲା। ଆନନ୍ଦ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୩ୟ ମ୍ୟାଚରେ ରିଦି ୱାରିୟର୍ସ ନିର୍ଦ୍ଧାରିତ ଓଭରରେ ୧୪୮ ରନ କରିଥିଲା। ଜବାବ ଭିତରକନିକା ଇଲେଭେନଷ୍ଟାର ୧୪୦ ରନ କରି ୮ ରନରେ ପରାସ୍ତ ହୋଇଥିଲା। ସତ୍ୟ ପ୍ରକାଶ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ୪ର୍ଥ ମ୍ୟାଚରେ ସ୍ମାଇଲ ଇଲେଭେନ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌କେ ନୀଳମାଧବ ରକଷ୍ଟାର ୧୪୪ ରନ୍ କରି ବିଜୟ ଲାଭ କରିଥିଲା। ଦଳର କ୍ରୀଷ୍ଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଆୟୋଜିତ ଟୁର୍ନାମେଣ୍ଟରେ ଅତିଥି ଭାବେ ଦୈତାରୀ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଶଶଧର ମାନା, ବିପିନୀ ବିହାରୀ ସେଠୀ, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ପାଢୀ ଓ ଶାନ୍ତନୁ ଦାସ ଅମ୍ପେୟାର କାର୍ଯ୍ୟ ନିର୍ବାହ କରିଥିବା ବେଳେ ତନ୍ମୟ ବେହେରା, ଜନ୍ମଜୟ ବେହେରା, ସଞ୍ଜୟ ଦାସ, ରଞ୍ଜନ ବେହେରା, କାଳନ୍ଦୀ ବେହେରା, ରଶ୍ମୀ ରଞ୍ଜନ ପାଢୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।


ଖେଳରେ ଅତିଥିମାନେ ଜଣେ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରାଶନ ଯୋଗାଇଦେବାକୁ ଯୋଗାଣ ନିରୀକ୍ଷକଙ୍କ ନିର୍ଦ୍ଦେଶ

**ନୂଆଗାଁ, ୨୬।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁଆଁବାରି ଗ୍ରାମର ବାସନ୍ତୀ ନାୟକ ୬ ମାସ ହେଲା ରାଶନ ସାମଗ୍ରୀ ପାଉ ନ ଥିଲେ। ଏ ନେଇ ଶୁକ୍ରବାର ନୂଆଗାଁ ଯୋଗାଣ ନିରୀକ୍ଷକଙ୍କୁ ଭେଟି ବାସନ୍ତୀ ଓ ଭିନ୍ନକ୍ଷମ ଝିଅ ଅଭିଯୋଗ କରିଥିଲେ। ତେବେ ବାସନ୍ତୀଙ୍କ ରାଶନ କାର୍ଡରେ ସବୁ ଠିକ୍‌ଠାକ୍ ଥିବାବେଳେ ତାଙ୍କୁ କାହିଁକି ସାମଗ୍ରୀ ଦିଆଯାଉନାହିଁ ବୋଲି ସମ୍ପୃକ୍ତ ପଞ୍ଚାୟତର ପଞ୍ଚାୟତ ଅଧିକାରୀଙ୍କୁ ବୁଝିବା ସହ ଯଥାଶୀଘ୍ର ଉକ୍ତ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି।

ନୂଆଗାଁ ବ୍ଲକ ବେରୁହାଁବାରି ଗାଁର ସୁଜନ ନାୟକଙ୍କ ପରିବାର କହିଲେ ସ୍ତ୍ରୀ ବାସନ୍ତୀ ନାୟକ, ଗୋଟିଏ ପୁଅ ଓ ଗୋଟିଏ ଭିନ୍ନକ୍ଷମ ଝିଅ। ୬ ମାସ ପୂର୍ବେ ସୁଜନଙ୍କର ପରଲୋକ ହୋଇଥିବା


ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ ପାଇଁ ଆସିଥିବା ବାସନ୍ତୀ ଓ ଭିନ୍ନକ୍ଷମ ଝିଅ।

### ୬ ମାସ ହେଲା ବାସନ୍ତୀଙ୍କ ପରିବାର ରାଶନ ସାମଗ୍ରୀ ପାଉ ନ ଥିବା ଘଟଣା

ବେଳେ ମାନସିକ ଅନଗ୍ରସର ଭିନ୍ନକ୍ଷମ ଝିଅ ଓ ପୁଅକୁ ଧରି ପରିବାରର ବୋଝ ବାସନ୍ତୀ ଉଠାଉଛନ୍ତି। ପରିବାରରେ ୪ଜଣ ସଦସ୍ୟ ରହିଥିଲେ ମଧ୍ୟ ପୁଅ ଓ ଝିଅକୁ ବାଦ୍ ଦେଇ ସ୍ୱାମୀ ଓ ସ୍ତ୍ରୀଙ୍କ ନାମ ରାଶନ କାର୍ଡରେ ରହିଛି। ସ୍ୱାମୀ ଥିବା ସମୟରେ ୧୦ କେଜି ଚାଉଳ ମିଳୁଥିଲା। କିନ୍ତୁ ସ୍ୱାମୀଙ୍କ ମୃତ୍ୟୁପରେ କିଛି ମିଳୁନାହିଁ। ବର୍ତ୍ତମାନ ସମୟରେ ବାସନ୍ତୀଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ୩ ରହିଥିବା ବେଳେ ଏଥିରେ କେବଳ ଭିନ୍ନକ୍ଷମ ଝିଅର ନାମ ରହିଛି। ବାସନ୍ତୀ ଏବଂ ତାଙ୍କ ପୁଅର ନାମକୁ ଏହି କାର୍ଡରୁ ବାଦ୍ ଦିଆଯାଇଛି। ତେଣୁ ପରିବାର ଚଳାଇବାରେ ଅସୁବିଧା ହେବାରୁ ନୂଆଗାଁ ବ୍ଲକକୁ ଆସି ଯୋଗାଣ ନିରୀକ୍ଷକ ବି. ଶ୍ରୀହର୍ଷଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ। ଅଭିଯୋଗ ବାବଦରେ ବେରୁହାଁବାରି ପଞ୍ଚାୟତ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଯୋଗାଣ ନିରୀକ୍ଷକ ଦେଇଥିଲେ। ତେଣୁ ବର୍ତ୍ତମାନ ରାଶନ କାର୍ଡରେ ପରିବାରର ସମସ୍ତଙ୍କ ନାମ ସଂଯୋଗ କରିବା ସହ ଉକ୍ତ ପରିବାରକୁ ସାମଗ୍ରୀ ଯୋଗାଇ ଦେବାକୁ ପଞ୍ଚାୟତ ଅଧିକାରୀଙ୍କୁ ନୂଆଗାଁ ବ୍ଲକ ଯୋଗାଣ ନିରୀକ୍ଷକ ବି. ଶ୍ରୀହର୍ଷ ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରୁ ବାଲି ବୋଝେଇ କରିଥିବା ଟ୍ରାକ୍ଟର ଜବତ

**ଓଡ଼ଗାଁ, ୨୬।୩(ସ୍ୱ.ପ୍ର.):** ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାହାଡ଼ାଝୋଲା ସେକ୍ସନ ମକରାପଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ବାଲି ବୋଝେଇ କରୁଥିବା ବେଳେ ଗୋଟିଏ ଟ୍ରାକ୍ଟର ସହ ଡାଲା ଜବତ କରିଛି। ସୂଚନା ଅନୁସାରେ, ବନପାଳ ସନାତନ ସ୍ୱାଇଁ ସଦଳବଳ ରବିବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ସମ୍ପୃକ୍ତ ଜଙ୍ଗଲରେ ଓଡି ୦୭ ୱାଇ ୬୮୦୩/୬୮୦୪ ନମ୍ବରବିଶିଷ୍ଟ ଏକ ଟ୍ରାକ୍ଟରରେ ବାଲି ବୋଝେଇ ହେଉଥିବା ବେଳେ ଚଢାଉ କରିଥିଲେ। ହେଲେ ଘଟଣାସ୍ଥଳରେ ଚାଳକ ଗାଡ଼ି ଛାଡ଼ି ଦ୍ରୁତଗତିରେ ଜଙ୍ଗଲ ଭିତରେ ଦୌଡ଼ି ପଳାଇଥିଲେ। ବନ ବିଭାଗ ଅଧିକାରୀ ଟ୍ରାକ୍ଟର ଜବତ କରିଥିବା ଜଣାଯାଇଛି। ଏ ନେଇ ବିଭାଗ ନଂ.୩୪/୨୦୨୨-୨୩ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଥିବା ରେଞ୍ଜର ନିଖିଲେଶ ମଲିକ ସୂଚନା ଦେଇଛନ୍ତି। ଚଢ଼ାଉରେ ବନପାଳ ସ୍ୱାଇଁଙ୍କ ସହ ବନରକ୍ଷୀ ସୁନୀଲ କୁମାର ନାୟକ, ବିଶ୍ୱଜିତ ସାମନ୍ତରାୟ, କବିର ସାହୁ ଓ ଦୀପ୍ତିମୟୀ ଦାସ ସାମିଲ ଥିଲେ।

### ଉଦ୍ଧାର ହରିଣର ମୃତ୍ୟୁ

**ପାତ୍ରପୁର, ୨୬।୩(ଡି.ଏନ.ଏ.):** ସାମନ୍ତିଆପଲ୍ଲୀ ବନାଞ୍ଚଳ ସୁରଙ୍ଗୀ ଶାଖା ଅନ୍ତର୍ଗତ ଷୋଳଭାଗପେଣ୍ଠ ନିକଟରୁ ସାମନ୍ତିଆପଲ୍ଲୀ ବନ ବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ଆହତ ହରିଣର ମୃତ୍ୟୁ ଘଟିଛି। ରଷିମାଳ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସିଥିବା ହରିଣଟି କୌଣସି କାରଣରୁ ଆହତ ହୋଇଥିଲା। ଏହା ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ସୁରଙ୍ଗୀ ଫରେଷ୍ଟର ସନ୍ତୋଷ ବିଷୋୟୀ ଓ ଫରେଷ୍ଟ ଗାର୍ଡ ଅମରେଶ ଦାସ ଘଟଣାସ୍ଥଳରେ ପହଞ୍ଚି ଆହତ ହରିଣକୁ ପାତ୍ରପୁର ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହରିଣର ମୃତ୍ୟୁ ଘଟିଥିଲା।

### ଖଲିସାହିରେ ଚକ୍ଷୁ ଚିକିତ୍ସା ଶିବିର




**ଖଣ୍ଡପଡ଼ା, ୨୬।୩(ସ୍ୱ.ପ୍ର.):** ଖଲିସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଶିବିରରେ ଡା. ସମିମା ଖାତୁନ୍, ଦୀପାଞ୍ଜଳି ମଲ୍ଲିକ, ଅର୍ପିତା ସେନାପତି, ସଂଗ୍ରାମ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ। ମୋତିଆବିନ୍ଦୁରେ ଆକ୍ରାନ୍ତ ରୋଗୀମାନଙ୍କୁ ଅସ୍ତ୍ରୋପଚାର ନିମନ୍ତେ ଚିକିତ୍ସାଳୟକୁ ପଠାଯିବ ବୋଲି ଜଣାପଡ଼ିଛି। ଖଲିସାହି ସରପଞ୍ଚ ଫକୀର ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ପରିଚାଳନାରେ ଖଲିସାହି ପଞ୍ଚାୟତ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।

### ଅଙ୍ଗନୱାଡି ଗୃହ ପାଲଟିଛି ଶସ୍ୟ ଅମଳ କେନ୍ଦ୍ର



**ଖଣ୍ଡପଡ଼ା, ୨୬।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ ଗଡ଼ିଆସାହି ପଞ୍ଚାୟତର ସରପୋଖରୀ ଗାଁରେ ପ୍ରଶାସନ ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଅଙ୍ଗନୱାଡି ଗୃହଟି ଏବେ ଶସ୍ୟ ଅମଳ କେନ୍ଦ୍ର ପାଲଟିଛି। ସ୍ଥାନୀୟ ବାସିନ୍ଦା ମୁଗ, ବିରି ଆଦି ରବି ଫସଲ ଅମଳକରି ଉକ୍ତ କେନ୍ଦ୍ର ପରିସରରେ ମହଜୁଦ ରଖିଥିବା ଅଭିଯୋଗ ହେଉଛି। ତୁରନ୍ତ ନୂତନ ଅଙ୍ଗନୱାଡି କେନ୍ଦ୍ରଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ବ୍ଲକ କର୍ତ୍ତୃପକ୍ଷ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଝିଅଙ୍କ ଉଚ୍ଚଶିକ୍ଷା ନିମନ୍ତେ ମା'ମାନେ ସଙ୍କଳ୍ପ ନିଅନ୍ତୁ


ବିଜେଡିର ମହିଳା ସମାବେଶରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ନାରୀ ନେତ୍ରୀମାନେ।

**ଖଣ୍ଡପଡ଼ା, ୨୬।୩(ସ୍ୱ.ପ୍ର.)**

### ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତ ଅଧୀନ ପ୍ରଭୁ ସୋମନାଥ ଦେବଙ୍କ ମେଳଣ ପଡ଼ିଆରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବ୍ଲକ ବିଜେଡି ମହିଳା ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ବିଜେଡି ମହିଳା ସଭାନେତ୍ରୀ ମିନତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଝିଅମାନଙ୍କ ଉଚ୍ଚଶିକ୍ଷା ନିମନ୍ତେ ମା'ମାନେ ସଙ୍କଳ୍ପ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଉପମା ବେହେରା, ବିଜେଡି ଭାପୁର ମହିଳା ସଭାନେତ୍ରୀ କବିତା ମହାରଣା, ନଗର ଛାତ୍ର ବିଜେଡି ସଭାପତି ତଥା କାଉନ୍‌ସିଲର ମୋନାଲୀ ପ୍ରିୟଦର୍ଶିନୀ ପ୍ରଧାନ, ସିଧାମୂଳା ସରପଞ୍ଚ ଗୀତାଞ୍ଜଳି ନାୟକ, ଜିଲା ମହିଳା ସଭାନେତ୍ରୀ ମମତା ଦାସ, ବନମାଳୀପୁର ସରପଞ୍ଚ ବାସନ୍ତୀ ବେହେରା, ନାରୀନେତ୍ରୀ ଅଳକା ମିଶ୍ର ପ୍ରମୁଖ ଯୋଗଦେଇ ବିଜେଡି ସରକାରର ଉଲ୍ଲେଖନୀୟ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

## ମୋହନା ଓକିଲ ସଂଘର ସଭାପତି ହେଲେ ରବୀନ୍ଦ୍ର

**ଆର.ଉଦୟଗିରି, ୨୬।୩(ଡି.ଏନ.ଏ.)**

ଗଜପତି ଜିଲା ମୋହନା ପ୍ରଥମ ଶ୍ରେଣୀ ବିଚାର ବିଭାଗ ଅଦାଲତ ଓକିଲ ସଂଘ (ବାର୍ ଆସୋସିଏଶନ)ର ସଭାପତି ହେଲେ ରବୀନ୍ଦ୍ର କୁମାର ନାୟକ। ସେ ଏଥରକୁ ମିଶାଇ ପଞ୍ଚମ ଥର ପାଇଁ ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହ ଉପସଭାପତି ଭାବେ ସୀମାଞ୍ଚଳ କାର୍ଜି, ସମ୍ପାଦକ ପଦ୍ମନାଭ ପତି, ସହସମ୍ପାଦକ ସୁଶାନ୍ତ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ହୋଇଛନ୍ତି ଯୋଗେନ୍ଦ୍ର ରଥ। ଏହା ସଙ୍ଗେ ବରିଷ୍ଠ ତିନିଜଣ ଓକିଲଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରିଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି।

## ପ୍ରହଲ୍ଲାଦ ସଭାପତି, ବିରଞ୍ଚି ସମ୍ପାଦକ

**ଦଶପଲ୍ଲା, ୨୬।୩(ଡି.ଏନ.ଏ.)**

### ଦଶପଲ୍ଲା ଓକିଲ ସଂଘ ନିର୍ବାଚନ



ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶକ୍ରମେ ଦଶପଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ପ୍ରହଲ୍ଲାଦ ସାହୁ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବିରଞ୍ଚି ପ୍ରସାଦ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଦିଲୀପ କୁମାର ପଣ୍ଡା ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଥିଛନ୍ତି। ଯୁଗ୍ମ ସମ୍ପାଦକ ମାନସ କୁମାର ମହାକୁଡ଼, ସହସମ୍ପାଦକ ଭାବେ ଚିତ୍ତରଞ୍ଜନ ମହାପାତ୍ର ଓ ଏକଜିକ୍ୟୁଟିଭ ସଭ୍ୟ ଭାବେ ଗୌର ଚନ୍ଦ୍ର ମିଶ୍ର, ହାଡିବନ୍ଧୁ ସାହୁ, ମନୋରଞ୍ଜନ ମିଶ୍ର , ଉପେନ୍ଦ୍ର କୁମାର ମିଶ୍ର ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ଲଗ୍ନଜିତ ମିଶ୍ର ଓ ପାଠାଗାର ସମ୍ପାଦକ ଭାବେ ବ୍ରଜେନ୍ଦ୍ର କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ସଭାପତି ପଦ ପାଇଁ ସୁଶାନ୍ତ କୁମାର ପାତ୍ର ଓ ପ୍ରହଲ୍ଲାଦ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସମୁଦାୟ ୫୦ ଟି ଭୋଟ ମଧ୍ୟରୁ ଉଭୟ ୨୫-୨୫ ଭୋଟ ପାଇଥିବା ବେଳେ ଶେଷରେ ଧର୍ମ ଗୁଳାରେ ପ୍ରହଲ୍ଲାଦ ବିଜୟୀ ହୋଇଥିଲେ।

## କୃଷକ ନେତାଙ୍କ ପରଲୋକ

**ଦିଗପହଣ୍ଡି, ୨୬।୩(ଡି.ଏନ.ଏ.)**

ଦିଗପହଣ୍ଡି ସହରର କୃଷକ ନେତା ସମୀର ଚନ୍ଦ୍ର ମିଶ୍ରଙ୍କ ରବିବାର ପରଲୋକ ଘଟିଛି। ସେ ଅଖିଳ ଭାରତ କୃଷକ ସଭାର ଦିଗପହଣ୍ଡି ଶାଖା ସଭାପତି ଥିଲେ। ଗତ କିଛିଦିନ ହେଲା ଯକୃତ ରୋଗରେ ସଂକ୍ରମିତ ହୋଇ ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ପରଲୋକ ଘଟିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ସ୍ତ୍ରୀ, ୨ କନ୍ୟାଙ୍କ ସମେତ ବନ୍ଧୁ ପରିଜନ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସିପିଆଇ ଗଞ୍ଜାମ ଜିଲା କମିଟି ସଦସ୍ୟ ଅଳକା ନାଥ ମିଶ୍ର, ବୃନ୍ଦାବନ ପଣ୍ଡା, ସିପିଆଇ ବଡ଼ଖେମୁଣ୍ଡି ଜୋନାଲ ସମ୍ପାଦକ କିଶୋର ଶତପଥୀ, ଦିଗପହଣ୍ଡି ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଦୈତାରି ରେଡ୍ଡୀ, ମୂଷା ବେହେରା, ପ୍ରକାଶ ସେଠୀ, ଲୋକନାଥ ବିଷୋୟୀ, ଅଶୋକ ସେଠୀ, ପର୍ଶୁ ବିଷୋୟୀ, ସୋମନାଥ ଦଳାଇ, ସୀମାଞ୍ଚଳ ସାହୁ, ଲବ ଗୌଡ଼ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବି

**ଦଶପଲ୍ଲା, ୨୬।୩ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ସାରେଣୀ ଗଣ୍ଡା ଗାଁରେ ଗତ ୨୧ ତାରିଖରେ ଝଡ ତୋଫାନ ହୋଇ ଗାଁର ପ୍ରକାଶ କୁମାର ଜାନୀଙ୍କ ଘର ଛପର ଉଡାଇ ଦେଇଥିଲା। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ଚଳିବା ପାଇଁ ହଇରାଣର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ଅବସ୍ଥା ଶୋଚନୀୟ ହୋଇପଡୁଛି। ଘରେ ପାଣି ଗଳୁଛି। ଫଳରେ ସେ ଦହନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ଆର୍‌ଆଇ ମାଧ୍ୟମରେ ତହସିଲଦାରଙ୍କୁ ଲିଖିତ ଭାବେ ଅନୁରୋଧ କରିଥିବା ଜଣାଯାଇଛି।



ପ୍ରକାଶ କୁମାର ଜାନୀଙ୍କ କ୍ଷତିଗ୍ରସ୍ତ ଘର।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

**ଭାପୁର, ୨୬।୩(ଡି.ଏନ୍.ଏ.)**

ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡ଼ା ପଞ୍ଚାୟତର ମାଧପୁର ସେବା ସମବାୟ ସମିତି ପକ୍ଷରୁ ସମବାୟ ସମ୍ପାଦିକା ବିନୋଦିନୀ ଦାସଙ୍କ ତତ୍ତ୍ୱାବଧାନରେ କୃଷକମାନଙ୍କ ପାଇଁ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାପୁର ସେବା ସମବାୟ ବ୍ୟାଙ୍କର ଶାଖା ପରିଚାଳକ ମୁରଲୀଧର ବରାଡ଼, ସମ୍ମାନିତ ଅତିଥି ଭାବେ ୧୮ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ୨୦ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସ୍ଥାନୀୟ ସମିତିସଭ୍ୟ ଦେବାର୍ଚ୍ଚନ ଡାଲୁଆ, ସରପଞ୍ଚ ଶିବାନୀ ଦାଶ, ବ୍ୟାଙ୍କ ସଭାପତି ଦଣ୍ଡପାଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ଋଣ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। କୃଷକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏଥିରେ ଶହେରୁ ଊର୍ଦ୍ଧ୍ୱ କୃଷକ ଉପସ୍ଥିତ ରହିଥିଲେ।



ଋଣ କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

## ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ କ୍ରୀଡ଼ା ପ୍ରତିଯୋଗିତା: ନୟାଗଡ଼ ପରାସ୍ତ

**ଭାପୁର, ୨୬।୩(ଡି.ଏନ୍.ଏ.)**

ରାଜ୍ୟସ୍ତରୀୟ ବକ୍ସିଂ, ହ୍ୟାଣ୍ଡବଲ, ବାସ୍କେଟ୍‌ବଲ, ଭାର ଉତ୍ତୋଳନ ପ୍ରତିଯୋଗିତା ଗଞ୍ଜାମ ଜିଲାର ବ୍ରହ୍ମପୁର କୁଇନ ମିଶନ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୪ ବର୍ଷରୁ ଊର୍ଦ୍ଧ୍ୱ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଭାଗ ନେଇଥିଲେ। ନୟାଗଡ଼ ଜିଲାରୁ ୧୩ ବାଳିକା ଓ ୧୫ ବାଳକ ଏହିପ୍ରତିଯୋଗିତାକୁଯାଇଥିଲେ। ସେଥିମଧ୍ୟରୁ ଭାପୁର ବ୍ଲକର ବାଇଗୁଣିଆ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟର ୭ ପ୍ରତିଯୋଗୀ (୫ ବାଳିକା ଓ ୨ ବାଳକ) ଅଂଶଗ୍ରହଣ କରିଥିଲେ। ସୋଲାପଟା ହାଇସ୍କୁଲରୁ ୧୩ ଜଣ ବାଳକ ଓ ୮ ବାଳିକା ଯାଇଥିଲେ। ବାଇଗୁଣିଆ ତନ୍ତୁବାୟ ସହଯୋଗ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ, ସୁବାସ ଚନ୍ଦ୍ର ବେହେରା ଏବଂ ଓଡ଼ଗାଁ ରାଧାକାନ୍ତ ବାଳିକା ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ ଛାତ୍ରୀଛାତ୍ରମାନଙ୍କ ସହିତ ଯାଇଥିଲେ। ନୟାଗଡ଼ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଓ ଭାପୁର ବ୍ଲକ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ବିଦାୟ ଦେଇଥିଲେ। ହ୍ୟାଣ୍ଡବଲ ବାଳିକା ପ୍ରତିଯୋଗିତାରେ ନୟାଗଡ଼ ସହ ଜଗତ୍‌ସିଂହପୁରର ମୁହାଁମୁହିଁ ହୋଇଥିଲା। ସେଥିରେ ନୟାଗଡ଼ ୧୦-୫ ଗୋଲରେ ପରାଜିତ ହୋଇଥିଲା। ସେହିପରି ବାଳକମାନେମଧ୍ୟ ୧୦-୬ଗୋଲରେପରାସ୍ତ ହୋଇ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।


ଖେଳରେ ଭାଗ ନେବାକୁ ଯାଇଥିବା ଖେଳାଳିମାନେ।

# ବଦଳି ପ୍ରତ୍ୟାହାର ଦାବିରେ କଳାବ୍ୟାଜ୍ ପରିଧାନ

**ନୟାଗଡ଼ ଅଫିସ, ୨୬।୩**

ବିଦ୍ୟୁତ୍ ବିଭାଗର ରେଗୁଲାର ଲାଇସେନ୍ସ ମ୍ୟାନ ତଥା ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଙ୍ଗଠନ ସମ୍ପାଦକ ସୁଧାଂଶୁ ଶେଖର ସମାନ୍ତରାୟଙ୍କର ବଦଳି ପ୍ରତ୍ୟାହାର ଦାବିରେ ନୟାଗଡ଼ ବିଦ୍ୟୁତ୍ ଡିଭିଜନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ଅସ୍ଥାୟୀ କର୍ମଚାରୀ କଳାବ୍ୟାଜ ପିନ୍ଧି ପ୍ରତିବାଦ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ ଚଳାଇବେ। ତେବେ କାର୍ଯ୍ୟବନ୍ଦ କରିବେ ନାହିଁ ବୋଲି ଜଣାଇଛନ୍ତି। ଅଭିଯୋଗ ଅନୁସାରେ, ବିଦ୍ୟୁତ୍ ବିଭାଗର ଠିକା କର୍ମଚାରୀମାନେ ସମାନ କାମକୁ ସମାନ ମଜୁରୀ, ଚାକିରି ସର୍ତ୍ତାବଳୀ ଲାଗୁ, ୬ ବର୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟମିତ କରିବା ଓ ଗ୍ରୁପ ଇନ୍ସୁରାନ୍ସ କରିବା ଦାବି ନେଇ ଆନ୍ଦୋଳନ କରିବାକୁ ଏକ ବୈଠକ ରାଜ୍ୟସ୍ତରରେ କରିଛନ୍ତି। ବୈଠକରେ ରେଗୁଲାର ଲାଇସେନ୍ସ ମ୍ୟାନ ତଥା ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଙ୍ଗଠନ ସମ୍ପାଦକ ସମାନ୍ତରାୟ ଯୋଗ ଦେଇ ଠିକା କର୍ମଚାରୀଙ୍କ ସୁବିଧା ଅସୁବିଧା କହିଥିଲେ। ଏପରିକି ଠିକାରେ କାମ କରୁଥିବାବେଳେ ନିଜର ଅନୁଭୂତି ବଖାଣିଥିଲେ। ଠିକା କର୍ମଚାରୀମାନେ ସେମାନଙ୍କର ଦାବି ନେଇ ଗତ ୯ ତାରିଖରେ ଭୁବନେଶ୍ୱର ପାୱାର ହାଉସ୍ କଲୋନୀସ୍ଥିତ ଟିପିସିଓଡିଏଲ ମୁଖ୍ୟ କାର୍ଯ୍ୟାଳୟଠାରେ ବିକ୍ଷୋଭ କରିଥିଲେ। ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ଡିଭିଜନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତେବେ ଅସ୍ଥାୟୀ କର୍ମଚାରୀଙ୍କ ସହ କାହିଁକି ଆନ୍ଦୋଳନ ନେଇ ବୈଠକରେ ଯୋଗଦେଲ ରାଗ ରଖି ରେଗୁଲାର ଲାଇସେନ୍ସ ମ୍ୟାନ ତଥା ନିଖିଳ


ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

### ବିଦ୍ୟୁତ୍ କର୍ମକର୍ତ୍ତାଙ୍କ ବଦଳିର ପ୍ରତିବାଦ

ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଙ୍ଗଠନ ସମ୍ପାଦକ ସମାନ୍ତରାୟଙ୍କୁ ଆନ୍ଦୋଳନ ପୂର୍ବରୁ ଗତ ୭ ତାରିଖରେ ଖୋର୍ଦ୍ଧା ଜିଲାର କଳାପଥର ସେକ୍ସନରୁ ଅନୁଗୋଳ ଜିଲାର ଆଠମଲ୍ଲିକକୁ ବଦଳି କରାଯାଇଛି। ଠିକା କର୍ମଚାରୀମାନେ ଆନ୍ଦୋଳନ ସମୟରେ ଏହି ଦାବିକୁ ମଧ୍ୟ ରଖିଥିଲେ। ଏପ୍ରିଲ ୫ ସୁଦ୍ଧା ଅସ୍ଥାୟୀ କର୍ମଚାରୀଙ୍କ ଦାବି ପୂରଣ କରାଯିବାକୁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବଦଳି ପ୍ରତ୍ୟାହାର ନେଇ ନାସ୍ତିବାଚକ ଶୁଣିବା ପରେ ଅସ୍ଥାୟୀ କର୍ମଚାରୀ ଆନ୍ଦୋଳନକୁ କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ସାଙ୍କେତିକ ପ୍ରତିବାଦ ଆରମ୍ଭ କରିଛନ୍ତି ବୋଲି ଭାରତୀୟ ମଜଦୁର ସଂଘ ପରିଚାଳିତ ନିଖିଳ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ନୟାଗଡ଼ ଜିଲା ସଭାପତି ଦାସ କହିଛନ୍ତି।

